ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.28 | Issue - 21 | 26 May - 01 June 2024 | Sambalpur | Pages- 8 | Invitation Price Rs.10

# ଇଭିଏମ୍‌ରେ ସିଲ୍ ହେଲା ୪୪ ପ୍ରାର୍ଥୀଙ୍କ ଭାଗ୍ୟ


ସମ୍ବଲପୁର: ରାଜ୍ୟରେ ତୃତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ସମ୍ପନ୍ନ ହୋଇଛି । ଏହିକ୍ରମରେ ଶନିବାର ସମ୍ବଲପୁର ଜିଲାରେ ମଧ ଶେଷ ହୋଇଛି ଭୋଟ ଗ୍ରହଣ ପ୍ରକ୍ରିୟା । ଫଳରେ ସମ୍ବଲପୁରର ସଂସଦୀୟ କ୍ଷେତ୍ର ଓ ବିଧାନସଭା କ୍ଷେତ୍ରରେ ପ୍ରତିଦ୍ୱନ୍ଦିତା କରୁଥିବା ମୋଟ ୪୪ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇଛି । ଶନିବାର ସମ୍ବଲପୁର ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୯୪୮ଟି ବୁଥରେ ଭୋଟ୍ ଗ୍ରହଣ ଅନୁଷ୍ଠିତ ହୋଇଥିଲା । ଧାର୍ଯ୍ୟ ସମୟ ଅନୁସାରେ ସକାଳ ୭ଟାରୁ ଭୋଟ୍ ଗ୍ରହଣ ଆରମ୍ଭ ହୋଇଥିବା ବେଳେ ସହରର ଏକାଧିକ ବୁଥ୍‌ରେ ଯାନ୍ତ୍ରିକ ବା ଅନ୍ୟାନ୍ୟ କାରଣରୁ ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା । ଭୋଟ ଗ୍ରହଣ ବିଳମ୍ବ ଯୋଗୁ ବୁଥ ଗୁଡ଼ିକରେ ଦୀର୍ଘ ସମୟ ଧରି ଧାଡ଼ିବାନ୍ଧି ଛିଡ଼ା ହୋଇଥିବା ଭୋଟରଙ୍କ ମଧରେ ଅସନ୍ତୋଷ ଦେଖା ଦେଇଥିଲା । ବିଳମ୍ବ କାରଣରୁ କେତେକ ଭୋଟର ଭୋଟ ନ ଦେଇ ଫେରି ଯାଇଥିବା ଦେଖିବାକୁ ମିଳିଥିଲା । ସମ୍ବଲପୁର ଲୋକସଭା ଆସନରେ ୬୮.୮୭% ମତଦାନ ହୋଇଥିଲା । କୁଚିଣ୍ଡା ବିଧାନସଭା କ୍ଷେତ୍ରରେ ଭୋଟହାର ସର୍ବାଧିକ ୮୧.୩୮% ପ୍ରତିଶତ ହୋଇଥିବା ବେଳେ ସମ୍ବଲପୁର ବିଧାନସଭା କ୍ଷେତ୍ରରେ ଭେଟହାର ସର୍ବନିମ୍ନ ୬୪.୪% ପ୍ରତିଶତ ରହିଛି । ସେହିପରି ରେଙ୍ଗାଲି ଓ ରେଢ଼ାଖୋଲରେ ଭୋଟହାର ଯଥାକ୍ରମେ ୭୪.୯୩% ଓ ୭୫.୦୪% ପ୍ରତିଶତ ରହିଛି । ଦେବଗଡ଼ରେ ୭୧.୮୪%, ଛେଣ୍ଡିପଦାରେ ୮୩.୨୭% ଏବଂ ଆଠମଲ୍ଲିକରେ ୮୫.୪୨% ମତଦାନ ହୋଇଛି । ପ୍ରବଳ ଗରମ ଓ ଗୁଳୁଗୁଳି ସତ୍ତ୍ୱେ ସମ୍ବଲପୁରବାସୀ ପ୍ରବଳ ଉତ୍ସାହର ସହିତ ଭୋଟଦାନରେ ଅଂଶଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା । ମାତ୍ର ଭୋଟର ଆଇ କାର୍ଡ ଥାଇ ମଧ ତାଲିକାରେ ନାମ ନଥବାରୁ ଅନେକ ଲୋକ ଭୋଟ ଦାନରୁ ବଞ୍ଚିତ ହୋଇଥିବା ମଧ ଦେଖିବାକୁ ମିଳିଥିଲା । ସହରର କେତେକ ବୁଥରେ ଛୋଟମୋଟ ଘଟଣାକୁ ଛାଡ଼ି ଦେଲେ ସମ୍ବଲପୁରରେ ମୋଟାମୋଟି ଭାବେ ଶାନ୍ତିଶୃଙ୍ଖଳାର ସହିତ ଭୋଟ ଗ୍ରହଣ ଶେଷ ହୋଇଛି । ସମ୍ବଲପୁର ସହରର ନୃସିଂହଗୁରୁ ଟାଉନ ହାଇସ୍କୁଲରେ ଥିବା ବୁଥ ସଂଖ୍ୟା ୧୪୭ ସଖୀ ବୁଥ, ଚନ୍ଦ୍ରଶେଖର ବାଳିକା ବିଦ୍ୟାଳୟରେ ଥିବା ବୁଥସଂଖ୍ୟା ୧୪୩, ଦେହେରିପାଲି ସ୍କୁଲରେ ଥିବା ବୁଥସଂଖ୍ୟା ୧୦୫, ରିଜର୍ଭ ପୋଲିସ ଲାଇନ୍ ସ୍କୁଲରେ ଥିବା ବୁଥସଂଖ୍ୟା ୧୧୯, ସରକାରୀ ହିନ୍ଦି ସ୍କୁଲରେ ଥିବା ବୁଥସଂଖ୍ୟା ୧୫୪, ବହିଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥସଂଖ୍ୟା ୧୫୮ ଆଦି ଏକାଧି ବୁଥରେ ବିଳମ୍ବରେ ଭୋଟ ଗ୍ରହଣ ଆରମ୍ଭ ହୋଇଥିଲା ।

ସମ୍ବଲପୁର ଜିଲ୍ଲାରେ କଡ଼ା ପୋଲିସ ସୁରକ୍ଷା ବ୍ୟବସ୍ଥା ମଧରେ ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା । ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୨ କମ୍ପାନୀ ସିଆର୍‌ପିଏଫ୍ ଯବନ, ୧୫ ପ୍ଲାଟୁନ ଓଡ଼ିଶା ପୋଲିସ ସୁରକ୍ଷା ବାହିନୀ ନିୟୋଜିତ ହୋଇଥିଲେ । ଭୋଟ ଗ୍ରହଣ ପ୍ରକ୍ରିୟା ଶେଷ ହେବା ପରେ ଇଭିଏମ୍ ଗୁଡ଼ିକୁ ସିଲ୍ କରାଯାଇ କଡ଼ା ସୁରକ୍ଷା ବଳୟରେ ବିଭିନ୍ନ ସ୍ଥାନରେ ଥିବା ଷ୍ଟ୍ରଙ୍ଗରୁମ୍‌କୁ ନିଆଯାଇଥିଲା । ସମ୍ବଲପୁର ନିର୍ବାଚନ ମଣ୍ଡଳୀର ଇଭିଏମ୍ ଗୁଡ଼ିକୁ ସରକାରୀ ମହିଳା ମହାବିଦ୍ୟାଳୟ ଓ ରେଙ୍ଗାଲି ନିର୍ବାଚନ ମଣ୍ଡଳୀର ଇଭିଏମ ଗୁଡ଼ିକୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟରେ ଥିବା ଷ୍ଟ୍ରଙ୍ଗରୁମରେ ରଖାଯାଇଛି । ସେହିପରି ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀର ଇଭିଏମ୍‌ଗୁଡ଼ିକୁ ଭୀମ ଭୋଇ ମହାବିଦ୍ୟାଳୟ ଓ କୁଚିଣ୍ଡା ନିର୍ବାଚନ ମଣ୍ଡଳୀର ଇଭିଏମ୍ ଗୁଡ଼ିକୁ କୁଚିଣ୍ଡା ସରକାରୀ ମହାବିଦ୍ୟାୟର ଷ୍ଟ୍ରଙ୍ଗରୁମରେ ରଖାଯାଇଛି ।

## ନିଜକୁ ଭୋଟ୍ ଦେଇ ପାରିଲେନି ଲୋକସଭା ପ୍ରାର୍ଥୀ

ସମ୍ବଲପୁର : ଅନ୍ୟମାନଙ୍କୁ ଭୋଟ ପାଇଁ ପ୍ରଚାର କରି ନିଜକୁ ଭୋଟ ଦେଇ ପାରିନାହାନ୍ତି ସମ୍ବଲପୁରର ୩ ପ୍ରମୁଖ ରାଜନୈତିକ ଦଳର ଲୋକସଭା ପ୍ରାର୍ଥୀ । ବିଜେପି ଲୋକସଭା ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଓ କଂଗ୍ରେସ ଲୋକସଭା ପ୍ରାର୍ଥୀ ନଗେନ୍ଦ୍ର ପ୍ରଧାନ ଅନୁଗୁଳ ଜିଲ୍ଲାର ବାସିନ୍ଦା ହୋଇଥିବା ବେଳେ ବିଜେଡ଼ି ଲୋକସଭା ପ୍ରାର୍ଥୀ ପ୍ରଣବ ପ୍ରକାଶ ଦାସ ଯାଜପୁର ଜିଲ୍ଲାର ବାସିନ୍ଦା ଅଟନ୍ତି । ତେଣୁ ସେମାନେ କେହି ମଧ ସମ୍ବଲପୁରର ଭୋଟଦାତା ନୁହନ୍ତି । ତେବେ ବିଜେପି ପ୍ରାର୍ଥୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱରରେ ଭୋଟ୍ ଦେଇଛନ୍ତି । ସେହିପରି ରେଢାଖୋଲ ପ୍ରାର୍ଥୀ ପ୍ରସନ୍ନ ଆଚାର୍ଯ୍ୟ ମଧ ରେଢାଖୋଲର ଭୋଟର ନୁହନ୍ତି ।

# ଭୋଟ୍ ଦେଲେ ଜୟନାରାୟଣ, ରୋହିତ, ନାଉରୀ ଓ ଦୁର୍ଗା










ସମ୍ବଲପୁର: ସମ୍ବଲପୁର ବିଧାନସଭା ଆସନ ପାଇଁ ଭାଜପା ବିଧାୟକ ପ୍ରାର୍ଥୀ ଜୟନାରାୟଣ ମିଶ୍ର ସପରିବାର ଆସି ଗୁରୁ ପଡ଼ା ସ୍ଥିତ ଚନ୍ଦ୍ରଶେଖର ବାଳିକା ବିଦ୍ୟାଳୟର ୧୪୬ ନମ୍ବର ବୁଥରେ ଭୋଟ ଦେଇଥିଲେ । ଏହି ଅବସରରେ ସେ ସମସ୍ତଙ୍କୁ ଭୋଟ ଦାନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ ।

ସେହିପରି ବିଜେଡି ପ୍ରାର୍ଥୀ ରୋହିତ ପୂଜାରୀ ଧର୍ମପତ୍ନୀ ବୈଶାଳୀଙ୍କ ସହିତ ଆସି ବୃକ୍ସହିଲ୍ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥ ନମ୍ବର ୧୫୯ରେ ଭୋଟ୍ ଦେଇଥିଲେ । ଭାଜପାର ରେଙ୍ଗାଲି ବିଧାୟକ ପ୍ରାର୍ଥୀ ନାଉରୀ ନାୟକ ଧନୁପାଲି ଅନ୍ତର୍ଗତ ପୁଟିବନ୍ଧ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବୁଥ ନମ୍ବର ୧୬୫ରେ ଭୋଟ ଦେଇଥିଲେ । ସମ୍ବଲପୁର ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ମଧ ତାଙ୍କ ଧର୍ମପତ୍ନୀଙ୍କ ସହିତ ବିଣାଖଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥ ନମ୍ବର ୧୭୭ରେ ଭୋଟ ଦାନ କରିଥିଲେ । ସେହିପରି ଗୁରୁପଡ଼ା ବୁଥ୍‌ରେ ପ୍ରସିଦ୍ଧ ରଙ୍ଗବତୀ ଗୀତର ଗାୟିକା ପଦ୍ମଶ୍ରୀ କ୍ରିଷ୍ଣା ପଟେଲ ଭୋଟ୍ ଦେଇଥିଲେ ।





# ବିଜେଡି ଏକ ସ୍ଥିର ସରକାର ଗଢ଼ିବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ରାଜ୍ୟରେ ୩ୟ ପର୍ଯ୍ୟାୟ ମତଦାନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୋଟ୍ ଦେଇ ନିଜର ମତ ସାବ୍ୟସ୍ତ କରିଛନ୍ତି । ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଏରୋଡ୍ରମ୍ ପ୍ରାଇମେରୀ ସ୍କୁଲର ୧୧୪ ନମ୍ବର ବୁଥରେ ମୁଖ୍ୟମନ୍ତ୍ରୀ ଭୋଟ୍ ଦେଇଥିଲେ । ବୁଥ୍‌ରୁ ବାହାରିବା ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଜେଡି ଉଭୟ ବିଧାନସଭା ଓ ଲୋକ ସଭା ଆସନରେ ବିପୁଳ ବିଜୟ ହାସଲ କରିବ ବୋଲି ଆଶା କରୁଛି । ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଲୋକଙ୍କ ସମର୍ଥନରେ ବିଜୁ ଜନତା ଦଳ ଏକ ସ୍ଥିର ସରକାର ଗଢିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଭୋଟ୍ ଦେବା ପରେ ମୁଖ୍ୟମନ୍ତ୍ରୀ ସେଠାରେ ଥିବା ସେଲ୍‌ଫି ଜୋନ୍‌ରେ ଫଟୋ ମଧ ଉଠାଇଥିଲେ । ଏହାପରେ ବୁଥ୍‌ରୁ ବାହାରି ଲୋକଙ୍କ ସହ ସେଲ୍‌ଫି ମଧ ନେଇଥିଲେ ।



# ଭୁବନେଶ୍ୱରରେ ଭୋଟ୍ ଦେଲେ ଧର୍ମେନ୍ଦ୍ର

ଭୁବନେଶ୍ୱର: ଓଡ଼ିଶାର ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ସମ୍ବଲପୁର ଲୋକ ସଭା ଭାଜପା ପ୍ରାର୍ଥୀ ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର ଉତ୍ତର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନରେ ଆସୁଥିବା ଚନ୍ଦ୍ରଶେଖରପୁର ଡିଏଭି ସ୍କୁଲ କ୍ୟାମ୍ପସ– ୨ର ବୁଥ୍ ନଂ. ୫୯ରେ ଭୋଟ ଦେଇଛନ୍ତି । ତାଙ୍କ ସ୍ତ୍ରୀ ମୃଦୁଳା ପ୍ରଧାନ ମଧ ଏହିଠାରେ ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଗଣତନ୍ତ୍ରର ଏହି ମହାନ୍ ପର୍ବରେ ସାମିଲହୋଇ ବେଶ୍ ଆନନ୍ଦିତ । ଭାରତର ଗଣତନ୍ତ୍ର ଦୁନିଆର ପ୍ରଭାବଶାଳୀ ଓ ପାରଦର୍ଶୀ ମଧ । ଲୋକତନ୍ତ୍ରରେ ପ୍ରତ୍ୟେକ ଭୋଟ ଗୁରୁତ୍ୱପୂର୍ଣ୍ଣ । ପ୍ରଜାତନ୍ତ୍ରରେ ଭୋଟଠାରୁ ପ୍ରଭାବଶାଳୀ ଆଉ କିଛି ନାହିଁ ।



ସମ୍ବଲପୁର ଓ ଭୁବନେଶ୍ୱର ସମେତ ସାରା ରାଜ୍ୟରେ ନିଜ ମତାଧିକାର ସାବ୍ୟସ୍ତ କରିବା ପାଇଁ ଲୋକଙ୍କ ମଧରେ ବହୁ ଉତ୍ସାହ ରହିଛି । ଲୋକମାନେ ଏଥର ପରିବର୍ତ୍ତନ ମୁହାଁ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯାହା ନିବେଦନ କରିଛନ୍ତି, ରାଜ୍ୟବାସୀ ତାଙ୍କ ଉପରେ ଆଶୀର୍ବାଦ କରିବେ । ଦେଶରେ ମୋଦିଙ୍କ ନେତୃତ୍ୱରେ ତୃତୀୟ ଥର ଭାଜପା ସରକାର ହେବ । ଓଡ଼ିଶାର ୨୧ରୁ ୨୧ ଲୋକ ସଭା ଆସନ ଭାଜପା ଜିତିବ । ଓଡ଼ିଶାରେ ମଧ ବହୁମତ ହାସଲକରି ନୂଆ ସରକାର ଗଠନ କରିବ । ମୋଦି ସରକାରରେ ଗରିବ, ଯୁବକ, ମହିଳା, କୃଷକ, ବଞ୍ଚିତ ବର୍ଗର ଲୋକଙ୍କ କଲ୍ୟାଣ ହେବ ।

ଏହା ପୂର୍ବରୁ କେନ୍ଦ୍ରମନ୍ତ୍ରୀ ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମାଆ ସମଲେଶ୍ୱରୀ ମନ୍ଦିରରେ ପ୍ରଥମେ ଦର୍ଶନ କରିଥିଲେ । ପରେ ସମ୍ବଲପୁର ସଂସଦୀୟ କ୍ଷେତ୍ରର ବିଭିନ୍ନ ନିର୍ବାଚନମଣ୍ଡଳୀରେ ବୁଥ୍ ବୁଲି ଜନସାଧାରଣ ଓ କାର୍ଯ୍ୟକର୍ତ୍ତାଙ୍କୁ ଭେଟିଥିଲେ । ସମ୍ବଲପୁର ଲୋକ ସଭା ଓ ବିଧାନସଭା ଆସନ ଗୁଡ଼ିକରେ ଭାଜପା ପ୍ରାର୍ଥୀ ବିଜୟୀ ହେବା ନେଇ ଧର୍ମେନ୍ଦ୍ର ଦୃଢୋକ୍ତି ପ୍ରକାଶ କରିଛନ୍ତି ।

## ଏ ସଂଖ୍ୟାରେ..


ଦହି ଖାଇବା ଉପକାରୀ


ମହୁର ଚମତ୍କାରୀତା


ଦେହ ପାଇଁ ତେଜପତ୍ର


ବହୁ ଗୁଣରେ ଭରପୁର ମେଥି ଶାଗ


ସ୍ୱାସ୍ଥ୍ୟ ପକ୍ଷେ ଗୁଡ଼


ଭେଣ୍ଡିର ଉପକାରିତା

# କାଁ ଭାଁ ଗଣ୍ଡଗୋଳ ଛାଡିଦେଲେ ବରଗଡ଼ରେ ଶାନ୍ତିପୂର୍ଣ୍ଣ ଭାବେ ସରିଲା ମତଦାନ

ବରଗଡ଼ : ବରଗଡ଼ ଲୋକସଭା କ୍ଷେତ୍ର ଓ ତନ୍ମଧରେ ଆସୁଥିବା ଜିଲ୍ଲାର ୫ ଟି ବିଧାନସଭା ପଦ୍ମପୁର, -ବିଜେପୁର, ବରଗଡ଼, ଅତାବିରା ଓ ଭଟଲି ତଥା ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ଓ ଝାରସୁଗୁଡ଼ା ଆସନ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ମତଦାନ ହୋଇଛି । ପଦ୍ମପୁର ବିଧାନସଭା ଆସନରେ ୭୭.୬୯%, ବିଜେପୁରରେ ୮୦.୬୭%, ବରଗଡ଼ରେ ୭୬.୪୮%, ଅତାବିରାରେ ୭୯.୮୨%, ଭଟଲିରେ ୮୪.୧୧%, ବ୍ରଜରାଜନଗରରେ ୭୬.୯୦% ଏବଂ ଝାରସୁଗୁଡ଼ାରେ ୮୨.୭୫% ମତଦାନ ହୋଇଥିବା ଜଣାପଡିଛି । ସମଗ୍ର ଲୋକସଭା ନିର୍ବାଚନ ମଣ୍ଡଳୀରେ ୭୯.୭୮% ମତଦାନ ହୋଇଛି । ଅନ୍ୟ ପକ୍ଷରେ ନିର୍ବାଚନ ପ୍ରତିଦ୍ୱନ୍ଦିତା କରିଥିବା ସମସ୍ତ ୩୯ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମରେ ସିଲ ହୋଇ ଯାଇଥିବା ସମୟରେ ଆଗାମୀ ୪ ଜୁନ୍‌ରେ ଖୋଲିବାକୁ ଥିବାରୁ ଭାନୁମତିଙ୍କ ପେଡ଼ି ଉପରେ ସମସ୍ତଙ୍କ ନଜର ଏବେ ଲାଖି ରହିଛି ।

ବରଗଡ଼ ଜିଲ୍ଲାର ୫ଟି ନିର୍ବାଚନ ମଣ୍ଡଳୀର ୧୩୯୭ ଟି ବୁଥରେ ଗତ ୨୦ ତାରିଖ ସକାଳ ୭ଟାରୁ ଭୋଟ ଗ୍ରହଣ - ଆରମ୍ଭ ହୋଇଥିଲା । ସମସ୍ତ ରାଜନୈତିକ ଦଳର ପ୍ରାର୍ଥୀ ବା ପ୍ରତିନିଧି ତଥା ପୋଲିଂ ଏଜେଣ୍ଟମାନଙ୍କ ଉପସ୍ଥିତିରେ ମକପୋଲିଂ କରାଯାଇ ଇଭିଏମକୁ ସିଲ କରାଯାଇ ନିର୍ଦ୍ଧାରିତ ସମୟରେ କଡ଼ା ସୁରକ୍ଷା ଭିତରେ ଭୋଟ ଗ୍ରହଣ ଆରମ୍ଭ କରାଯାଇ ଥିଲା । ତେବେ ବହୁ ବୁଥରେ ଇଭିଏମ ଖରାପ ହୋଇଯିବାରୁ ଘଣ୍ଟେ ଦେଢ଼ ଘଣ୍ଟା ବିଳମ୍ବରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ କେତକ ବୁଥରେ ମଝିରୁ ଇଭିଏମ କାମ ନ କରିବାରୁ ଉଚିତ ପଦକ୍ଷେପ ଗ୍ରହଣ କରାଯାଇଥିବା ଆରଓମାନଙ୍କ ସୂତ୍ରରୁ ଜଣାପଡ଼ିଛି । ବରଗଡ ଏସପି ପ୍ରହଲ୍ଲାଦ ସହାଇ ମୀନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମୁତୟନ ପୁଲିସ ଫୋର୍ସ ଶାନ୍ତି ଶୃଙ୍ଖଳା ବଜାୟ ରଖୁଥିବା ବେଳେ ଉତ୍ତରାଂଚଳ ଆଇଜି ହିମାଂଶୁ ଲାଲ ବିଭିନ୍ନ ନିର୍ବାଚନ ମଣ୍ଡଳୀକୁ ଗସ୍ତ କରି ସମଗ୍ର ସ୍ଥିତି ନିରୀକ୍ଷଣ କରିଥିଲେ । ସେହି ଭଳି ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ବିଭିନ୍ନ ବୁଥ ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିବା ସହ ପୁଲିସ ଓ ପୁଲିଂ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ ।ବେଶ ସୁରକ୍ଷିତ ଓ କ୍ଷୀପ୍ରତାରେ ମତଦାନ ଆରମ୍ଭ ହୋଇଥିଲେ ମଧ ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାତି ଯୋଗୁଁ ମଧାହ୍ନ ୧୨ଟାରୁ ଅପରାହ୍ନ ୩ଟାଯାଏଁ ମତଦାନ ପ୍ରକ୍ରିୟା ମନ୍ଥର ରହିଥିଲା । ଫଳରେ ମତଦାନ ହାର ଆଶାନୁରୂପ ଭାବେ ହ୍ରାସ ପାଇଥିଲେ ମଧ ଅପରାହ୍ନ ୪ଟା ପରେ ବୁଥଗୁଡ଼ିକ ପୁଣିଥରେ ଚଳଚଞ୍ଚଳ ହୋଇଉଠିଥିଲା ।

ସେହିପରି ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ପାଇଁ ମତଦାନ ସମ୍ପନ୍ନ ହୋଇଛି । କାଁ ଭାଁ ହିଂସା ଏବଂ ଗଣ୍ଡଗୋଳକୁ ଛାଡ଼ି ଦେଲେ ମତଦାନ ସଂପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ରହିଛି । ଜିଲ୍ଲାର ସମସ୍ତ ୫୧୫ଟି ବୁଥରେ ମତଦାନ ସୁରୁଖୁରୁରେ ହୋଇଛି । ଏଥିସହ ପ୍ରତିଦ୍ୱନ୍ଦ୍ୱିତା କରିଥିବା ତିନି ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀଙ୍କ ସମେତ ସମସ୍ତ ୧୭ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ସିଲ୍ ହୋଇଛି । ଆସନ୍ତା ଜୁନ ୪ ତାରିଖ ଭୋଟ ଗଣତି ସହ ଫଳ ପ୍ରକାଶକୁ ଏବେ ଅପେକ୍ଷା ।

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ତଥା ତାତିରେ ଜିଲ୍ଲାରେ ମତଦାନ ସମ୍ପନ୍ନ ହୋଇଥିଲା । ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ବିଧାୟିକା ଦୀପାଳି ଦାସ, ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଏବଂ କଂଗ୍ରେସ ପ୍ରାର୍ଥୀ ଅମିତା ବିଶ୍ୱାଳଙ୍କ ମଧରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ମଧରେ କିଏ ବାଜିମାତ କରୁଛନ୍ତି ତାହାକୁ ନେଇ ସସପେନ୍ସ ଜାରି ରହିଛି । ସେହିପରି ବ୍ରଜରାଜନଗରରେ ବିଜେଡି ପ୍ରାର୍ଥୀ ବିଧାୟିକା ଅଳକା ମହାନ୍ତି, ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀ ଏବଂ କଂଗ୍ରେସ ପ୍ରାର୍ଥୀ କିଶୋର ପଟେଲଙ୍କ ମଧରେ କଡ଼ା ଟକ୍କର ହୋଇଥିବା ବେଳେ କିଏ ବିଜୟୀ ହେଉଛନ୍ତି ତାହାକୁ ନେଇ ଭିନ୍ନ ଭିନ୍ନ ଆକଳନ କରାଯାଉଛି । ହେଲେ ନିଜ ନିଜର ଭଲ ପ୍ରଦର୍ଶନକୁ ନେଇ ତିନି ପ୍ରମୁଖ ଦଳ ଆଶାବାଦୀ ରହିଛନ୍ତି । ବିଜେଡି ପ୍ରାର୍ଥୀ ଦୀପାଳି ଦାସ, ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ, ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ ଝାରସୁଗୁଡ଼ା ଠାରେ ଥିବା ମତଦାନ କେନ୍ଦ୍ରରେ ଭୋଟ ଦେଇଥିଲେ ।

ନିର୍ବାଚନକୁ ନେଇ କେତେକ ସ୍ଥାନରେ ହିଂସା ଦେଖିବାକୁ ମିଳିଛି । କିର୍ମିରା ବ୍ଲକ ଅଞ୍ଚଳରେ ବିଜେଡି ଏବଂ ବିଜେପି ସମର୍ଥକ ମୁହାଁମୁହିଁ ହେବାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଥିବାର ଦେଖାଯାଇଛି । ସେହିପରି ଟଙ୍କା ବଣ୍ଟାକୁ ନେଇ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀର ଅନେକ ସ୍ଥାନରେ ଦଳୀୟ କର୍ମୀମାନଙ୍କ ମଧରେ ଗଣ୍ଡଗୋଳର ଖବର ରହିଛି । ଅବଶ୍ୟ ପୁଲିସରେ ଏନେଇ କୌଣସି ମାମଲାର ସୂଚନା ନାହିଁ । ଜିଲ୍ଲାପାଳ ଅବୋଲି ସୁନୀଲ ନରୱାଣେ ଏବଂ ଏସ୍‌ପି ସ୍ମିଥ ପରମାର ବିଭିନ୍ନ ବୁଥ ପରିଦର୍ଶନ କରିବା ସହ ମତଦାନ ତଦାରଖ କରିଥିଲେ ।

# ସମ୍ବଲପୁରରେ ମତଦାନରୁ ବଞ୍ଚିତ ବହୁ ପରିବାର

ସମ୍ବଲପୁର : ସମ୍ବଲପୁରରେ ସାଧାରଣ ନିର୍ବାଚନ ପାଇଁ ଗତ ୨୫ ତାରିଖ ଦିନ ହୋଇଥିବା ମତଦାନ ସମୟରେ ଅନେକ ଭୋଟର ମତଦାନ ପାଇଁ ବୁଥ୍‌ରେ ପହଞ୍ଚିବା ପରେ ଭୋଟର ତାଲିକାରେ ନିଜର ନାମ ନ ପାଇ ନିରାଶ ହୋଇ ଫେରୁଥିବା ଦେଖିବାକୁ ମିଳିଥିଲା । ସମ୍ବଲପୁର ବିଧାନସଭା କ୍ଷେତ୍ରର ସାକ୍ଷୀପଡା ଅନ୍ତର୍ଗତ ବୃକ୍‌ହିଲ୍ ବିଦ୍ୟାଳୟରେ ଥିବା ବୁଥ୍ ସଂଖ୍ୟା ୨୮୯ରେ ଆଡ଼ଭୋକେଟ୍ ଡକ୍ଟର ପ୍ରମୋଦ ରଥଙ୍କ ପରିବାରରେ ଥିବା ୩ ଭାଇ ଏବଂ ୩ ବୋହୂଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ପରିବାରର କେହି ଭୋଟ ଦେଇ ପାରି ନ ଥିବା ଅଭିଯୋଗ ହୋଇଛି । ସକାଳୁ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବାକୁ ଘର ପାଖ ବୁଥକୁ ଯିବା ପରେ ଜଣାପଡିଲା ଭୋଟର ତାଲିକାରେ ନାଁ ନାହିଁ । ଅନଲାଇନରେ ଖୋଜିଲା ପରେ ମଧ ସେଥିରୁ ଭୋଟର ପରିଚୟ ପତ୍ର ଅନୁସାରେ ତଥ୍ୟ ମିଳି ପାରି ନ ଥିଲା । ଦୀର୍ଘ ୪୦ ବର୍ଷ ହେବ ଏହି ବୁଥରେ ପରିବାର ଲୋକେ ଭୋଟ ଦେଇ ଆସୁଥିବା ବେଳେ ଏଥର ପୂରା ପରିବାରର ନାମ କଟିଯିବା ଆଶ୍ଚର୍ଯ୍ୟର ବିଷୟ ବୋଲି ଡକ୍ଟର ରଥ କହିଛନ୍ତି । ସେହିପରି ଡାକ୍ତର କମଳ ଡାଲମିଆଙ୍କ ପରିବାରର ମଧ ସେହି ବୁଥ୍‌ରେ ନାମ କଟିଯାଇଥିବା ଅଭିଯୋଗ ହୋଇଥିଲା । ତ୍ରିବେଣୀ ହୋଟେଲର ମାଲିକ ଶ୍ରୀ ଧୀରେଶ୍ୱର ଷଡ଼ଙ୍ଗୀଙ୍କ ପରିବାରର ମଧ ଆଠ ଜଣଙ୍କର ନାମ ନ ଥିବାରୁ ସେମାନେ ଭୋଟ୍ ଦେବାରୁ ବଞ୍ଚିତ ହୋଇଥିଲେ । ଏହାଛଡ଼ା ଆକାଶବାଣୀ କଲୋନୀର ବହୁ ସଂଖ୍ୟକ ଭୋଟ୍‌ରଙ୍କ ନାମ ତାଲିକାରୁ ବାଦ୍ ପଡିଥିବା ଜଣା ପଡିବା ପରେ ସେମାନଙ୍କ ମଧରେ ଅସନ୍ତୋଷ ଦେଖା ଦେଇଛି ।

ସମାନ ସମସ୍ୟା ୱାର୍ଡ ନମ୍ବର ୨୭ର ସହଯୋଗ ନଗର ବୁଥ୍ ସଂଖ୍ୟା ୧୦୫ରେ ମଧ ଦେଖିବାକୁ ମିଳିଥିଲା । ସ୍ଥାନୀୟ ଧୀରେନ୍ଦ୍ର ପାତ୍ରଙ୍କ ପରିବାରର ୩ ଜଣଙ୍କ ନାମ ଭୋଟର ତାଲିକାରେ ନ ଥିବାରୁ ସେମାନେ ମତଦାନ କେନ୍ଦ୍ରରେ ପହଞ୍ଚିବା ସତ୍ତ୍ୱେ ଭୋଟ ଦେବାରୁ ବଞ୍ଚିତ ରହିଥିଲେ । ଏ ପର୍ଯ୍ୟନ୍ତ ସମସ୍ତ ନିର୍ବାଚନରେ ମତଦାନ କରି ଆସିଥିବା ଆଡଭୋକେଟ୍ ଅଶୋକ କୁମାର ମହାପାତ୍ରଙ୍କ ଭୋଟ୍‌ର ତାଲିକାରେ ନାମ ନ ଥିବାରୁ ସେ ଭୋଟ୍ ଦେବାରୁ ବଞ୍ଚିତ ହୋଇଥିଲେ । ତାଙ୍କ ପତ୍ନୀଙ୍କ ନାମ ଥିବା ବୁଥ୍‌ରେ କାଳେ ତାଙ୍କ ନାମ ଥିବ ଭାବି ସେଠାକୁ ଯାଇ ଯାଞ୍ଚ କରିବା ପରେ ସେଠାରେ ମଧ ତାଙ୍କ ନାମ ନ ଥିବା ଜାଣି ନିରାଶ ହୋଇ ଫେରିଥିଲେ । ୱାର୍ଡ ୧୯ ଦାନିପାଲିର ବୁଥ୍ ସଂଖ୍ୟା ୯୦ରେ ଅକ୍ଷୟ ପ୍ରଧାନ ମତଦାନ କରିବାକୁ ପହଞ୍ଚିଥିବା ବେଳେ ନିଜର ନାମ ଭୋଟର ତାଲିକାରେ ପାଇ ନ ଥିଲେ । ସାମାଜିକ ଗଣମାଧମରେ ଏମିତି ଅନେକ ମତଦାତା ଭୋଟର ତାଲିକାରେ ନିଜର ନାମ ନ ପାଇ ନିରାଶ ହୋଇଥିବା ନେଇ ପୋଷ୍ଟ କରିଛନ୍ତି । ବୁର୍ଲାର ଅଫିସର କଲୋନୀରେ ରହିଥିବା ବୁଥ୍ ବହୁ ଡାକ୍ତର, ଇଞ୍ଜିନିୟରଙ୍କ ନାମ ଭୋଟର ତାଲିକାରେ ନ ଥିବା ଅଭିଯୋଗ ହୋଇଛି ।

ଏହାସହ ଅନେକ ଭୋଟରଙ୍କ ନାମ ନିଜ ବୁଥରେ ନ ଥିବା ବେଳେ ଦୂର ଦୂରାନ୍ତ ବୁଥ୍‌ରେ ନାମ ରହିଥିବା ମଧ ଦେଖିବାକୁ ମିଳିଥିଲା । ସମ୍ବଲପୁର ଚାରଭାଟିର ଅନେକ ଭୋଟରଙ୍କ ନାମ କୁଲୁଥକାନିରେ ଥିବା ବେଳେ କୁଲୁଥକାନିର ଅନେକ ଭୋଟର ଚାରଭାଟିକୁ ଆସି ଭୋଟ ଦେଇଥିଲେ । ଏହାକୁ ନେଇ ଅନେକେ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିବା ବେଳେ ଅନ୍ୟମାନେ ଏହାକୁ ଷଡଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି । ବିଗତ ନିର୍ବାଚନ ଗୁଡିକରେ ଭୋଟ ଦେଇଆସୁଥିବା ଲୋକମାନେ ଚଳିତ ନିର୍ବାଚନରେ ମତଦାନ ଅଧିକାରରୁ ବଞ୍ଚିତ ରହିବା ନେଇ ଦୁଃଖ ପ୍ରକାଶ କରିଛନ୍ତି । ବିଶେଷ କରି ଅନେକ ବୁଦ୍ଧିଜୀବୀଙ୍କ ନାମ ତାଲିକାରେ ନ ଥିବାରୁ ସେମାନେ ଏହାର ପ୍ରତିବାଦ କରୁଥିବା ମଧ ଦେଖିବାକୁ ମିଳିଥିଲା ।

## ପ୍ରଥମ ୫ ପର୍ଯ୍ୟାୟରେ ୫୦.୭୨% ଭୋଟ୍ ଦେଇଛନ୍ତି: ଇସି

ନୂଆଦିଲ୍ଲୀ: ଦେଶରେ ୫ ପର୍ଯ୍ୟାୟର ୭୬,୪୧ କୋଟି ଭୋଟରଙ୍କ ମଧରୁ ୫୦.୭୨ ପ୍ରତିଶତ ଭୋଟ ଦେଇଛନ୍ତି । ଏପ୍ରିଲ ୧୯ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ୧୦୨ଟି ଆସନରେ ଅନୁଷ୍ଠିତ ହୋଇଥିବା ବେଳେ ମୋଟ ୧୬,୬୪ କୋଟି ଭୋଟରଙ୍କ ମଧରୁ ୧୧ କୋଟି ଭୋଟ ଦେଇଥିଲେ । ଅର୍ଥାତ୍ ମତଦାନ ହାର ୭୬ ୧୪% ରହିଥିଲା । ସେହିପରି ଏପ୍ରିଲ ୨୬ରେ ୮୮ ଆସନରେ ୬୬.୭୧ ପ୍ରତିଶତ ମତଦାନ ହୋଇଥିଲା । ଉକ୍ତ ପର୍ଯ୍ୟାୟର ୧୫.୮୬ କୋଟ ଭୋଟରଙ୍କ ମଧରୁ ୧୦.୫୮ କୋଟି ମତାଧିକାର ସାବ୍ୟସ୍ତ କରିଥିଲେ । ମେ ୭ରେ ତୃତୀୟ ପର୍ଯ୍ୟାୟରେ ୯୪ ଆସନରେ ୬୫.୬୮ ପ୍ରତିଶତ ମତଦାନ ହୋଇଥିଲା । ଉକ୍ତ ପର୍ଯ୍ୟାୟର ମୋଟ ୧୭.୨୪ କୋଟି ଭୋଟରଙ୍କ ମଧରୁ ୧୧.୩୨ କୋଟି ଭୋଟ ଦେବାକୁ ଆସିଥିଲେ । ସେହିପରି ମେ’ ୧୩ରେ ଚତୁର୍ଥ ପର୍ଯ୍ୟାୟରେ ୯୬ ଆସନରେ ମତଦାନ ହୋଇଥିବା ବେଳେ ଭୋଟ ହାର ୬୬.୭୧% ଥିଲା । ଏହି ପର୍ଯ୍ୟାୟର ମୋଟ ୧୭,୭୧ କୋଟି ଭୋଟରଙ୍କ ମଧରୁ ୧୨.୨୫ କୋଟି ମତାଧିକାର ସାବ୍ୟସ୍ତ କରିଥିଲେ । ମେ’ ୨୦ରେ ୪୯ ଆସନ ଲାଗି ପଞ୍ଚମ ପର୍ଯ୍ୟାୟ ଭୋଟରେ ମତଦାନ ହାର ଥିଲା ୬୨,୨୦% । ୮,୯୬ କୋଟି ଭୋଟରଙ୍କ ମଧରୁ ୫.୫୭ କୋଟି ଭୋଟ ଦେଇଥିଲେ ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର

ବୁର୍ଲା: ଟିପିଡବ୍ଲ୍ୟୁଓଡିଏଲ୍‌ର କର୍ପୋରେଟ୍ ସିଏସ୍‌ଆର୍ ବିଭାଗ ପକ୍ଷରୁ ମାରୱାଡି ଯୁବା ମଞ୍ଚ ସହଯୋଗରେ ଭୂତାପଡ଼ାସ୍ଥିତ ସମ୍ବଲପୁର ପୂର୍ବ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି । ଏହି ଶିବିରରେ ଟିପିଡବ୍ଲ୍ୟୁଓଡିଏଲ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଟିପିଡବ୍ଲ୍ୟୁଓଡିଏଲ୍‌ର ଅପରେସନ୍ ଏବଂ ରକ୍ଷଣାବେକ୍ଷଣ ବିଭାଗ କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ । ଶିବିରରେ ୧୬୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଟିପିଡବ୍ଲ୍ୟୁଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଆଗାମୀ ଦିନରେ କମ୍ପାନୀ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମରେ ବୃଦ୍ଧି କରାଯିବ ବୋଲି ସୂଚନା ଦେଇଛନ୍ତି । ପ୍ରକାଶଥାଉ କି, ଟିପିଡବ୍ଲ୍ୟୁଓଡିଏଲ୍‌ର ସିଏସ୍‌ଆର କାର୍ଯ୍ୟ ଅନ୍ତର୍ଗତ ୩ଟି ମୋବାଇଲ୍ ହେଲଥ୍ ଡିସପେନସାରି ଭ୍ୟାନ୍ ନିୟୋଜିତ କରିବାସହ ଧନ୍ଦାମୂଳକ ତାଲିମ କେନ୍ଦ୍ର ଚଳାଉଛି । ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ମାଣ୍ଡିଆ ଚାଷୀ ମାନଙ୍କୁ ମଧ ସହାୟତା କରୁଛି ।

## ଭୋଟ୍ ବର୍ଜନ କଲେ ଭାଗୀପାଲିବାସୀ

ଝାରସୁଗୁଡ଼ା : ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ଭାଗୀପାଲି ଗ୍ରାମବାସୀ ଭୋଟ ବର୍ଜନ କରିଛନ୍ତି । ମତଦାନ ଗ୍ରହଣ କରାଯାଇଥିବା ବେଳେ ଭାଗୀପାଲିବାସୀ କେହି ହେଲେ ଭୋଟ ଦେବାକୁ ବୁଥ୍‌କୁ ଯାଇ ନ ଥିଲେ । ଭୁର୍କାମୁଣ୍ଡା ଭୋଟ ଗ୍ରହଣ କେନ୍ଦ୍ର ଅଧୀନରେ ଭାଗୀପାଲି ଗ୍ରାମ ରହିଛି । ପୂର୍ବରୁ ଭାଗୀପାଲି ଗ୍ରାମବାସୀ ବିସ୍ଥାପନ କରିବାକୁ ଦାବି କରିବା ସହ ଦାବି ପୂରଣ ନ ହେଲେ ସେମାନେ ଭୋଟ ବର୍ଜ୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ । ମାତ୍ର ସେମାନଙ୍କ ଦାବି କେହି ନ ଶୁଣିବାରୁ ଶେଷରେ ମତଦାନରୁ ଦୂରେଇ ରହିଲେ । ବେଦାନ୍ତ କାରଖାନା ଯୋଗୁଁ ଶିଳ୍ପ ପ୍ରଦୂଷଣକୁ ନେଇ ଅତିଷ୍ଠ ହୋଇ ପଡ଼ିଥିବା ଗ୍ରାମବାସୀ ସେମାନଙ୍କୁ ବିସ୍ଥାପିତ କରିବାକୁ ବହୁ ବର୍ଷ ହେଲା ଦାବି କରି ଆସୁଥିଲେ ହେଁ ଦାବି ପୂରଣ ନ ହେବାରୁ ଏଭଳି ନିଷ୍ପତ୍ତି ନେଇଥିଲେ ।

## ୟୁକୋ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ

ସମ୍ବଲପୁର : ୟୁକୋବ୍ୟାଙ୍କ ସମ୍ବଲପୁର ଅଞ୍ଚଳର ନୂତନ ଆଞ୍ଚଳିକ ମୁଖ୍ୟଭାବେ ଆଶିଷ କୁମାର ବିଶ୍ୱାଳ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଏହା ପୂର୍ବରୁ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ଉପ ଆଞ୍ଚଳିକ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ । ସେ ମଧ ସରକାରୀ ସଚିବାଳୟ ଶାଖାରେ ଶାଖା ମୁଖ୍ୟ ଭାବେ କାର୍ଯ୍ୟ କରିଥିଲେ । ୨୦୦୬ ମସିହାରେ ୟୁକୋବ୍ୟାଙ୍କରେ ପ୍ରୋବେସନାରୀ ଅଫିସର ଭାବେ ଯୋଗ ଦେବା ପରେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରିବାର ଅଭିଜ୍ଞତା ତାଙ୍କର ରହିଛି । ଶ୍ରୀ ବିଶ୍ୱାଳ ଏଗ୍ରିକଲଚର ଇଞ୍ଜିନିୟରିଂରେ ଏମଟେକ୍ ଡିଗ୍ରୀ ହାସଲ କରିଛନ୍ତି ।

## ଲାଞ୍ଚ ମାମଲାରେ ତତ୍କାଳୀନ ଜିଲ୍ଲା ଯୁବ ସଂଯୋଜକଙ୍କୁ ୨ ବର୍ଷ ଜେଲ୍

ସମ୍ବଲପୁର : ଲାଞ୍ଚ ମାମଲାରେ ସିବିଆଇ କୋର୍ଟ ସମ୍ବଲପୁରର ତତ୍କାଳୀନ ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ସଂଯୋଜକ ଦିଲ୍ଲୀପ କୁମାର ସାହୁଙ୍କୁ ୨ ବର୍ଷ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛି । ସିବିଆଇ କରିଥିବା ଚାର୍ଜସିଟ୍ ଏବଂ ସାକ୍ଷ୍ୟ ଆଧାରରେ କୋର୍ଟ ଏହି ରାୟ ଦେଇଛନ୍ତି । ୨୦୧୧ ମାର୍ଚ୍ଚ ୧୭ ତାରିଖରେ ସିବିଆଇ ଦିଲ୍ଲୀପ କୁମାର ସାହୁଙ୍କ ନାମରେ ମାମଲା ରୁଜୁ କରିଥିଲା । ଏହି ସଂସ୍ଥା ଭାରତ ସରକାରଙ୍କ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ଥିବା ଏକ ସ୍ୱୟଂଶାସିତ ସଂସ୍ଥା । ଅଭିଯୋଗ ଅନୁସାରେ ଜାତୀୟ ଯୁବ କର୍ପସରେ ଜଣେ ସ୍ୱେଚ୍ଛାସେବୀ ନିଯୁକ୍ତି ପାଇଁ ଅଭିଯୋଗକାରୀଙ୍କଠାରୁ ୨୦୧୧ ମାର୍ଚ୍ଚ ୧୬ରେ ୩ହଜାର ଟଙ୍କା ଲାଞ୍ଚ ମାଗିଥିଲେ । ଅଭିଯୁକ୍ତ ଦିଲ୍ଲୀପ ଲାଞ୍ଚ ନେବା ସମୟରେ ସିବିଆଇ ହାତରେ ଧରାପଡ଼ି ଗିରଫ ହୋଇଥିଲେ ।

# ଈଶ୍ୱରପରାୟଣ ଜୀବନର ବହୁମୂଲ୍ୟ ସୂତ୍ର- ସିଦ୍ଧାନ୍ତ

**ବୈ**ଜ୍ଞାନିକ ଆଇନ୍‌ଷ୍ଟାଇନ୍ କହିଛନ୍ତି, 'ମୋ ଦୃଷ୍ଟିରେ ଈଶ୍ୱର ସଂସାରରେ ସଂବ୍ୟାପ୍ତ ଏକ ମହାନ ନିୟମ । ମୋର ଧାରଣା, ଈଶ୍ୱରୀୟ ସତ୍ୟ ହିଁ ଶେଷ ସତ୍ୟ । ଶେଷ ସତ୍ୟକୁ ଖୋଜିବା ହିଁ ବିଜ୍ଞାନର ପରମ ଲକ୍ଷ୍ୟ । ଅଦ୍ୟାବଧି ବିଜ୍ଞାନ ଯେଉଁ ତଥ୍ୟକୁ ଖୋଜିଛି ଓ ଯେଉଁ ସତ୍ୟକୁ ସ୍ୱୀକାର କରିଛି, ତାକୁ ଦେଖି ମନେ ହୁଏ, ଭବିଷ୍ୟତରେ ଆହୁରି ବଡ଼ ସତ୍ୟର ରହସ୍ୟ ଉଦ୍‌ଘାଟିତ ହେବ ।

କେନୋପନିଷଦ୍‌ରେ ଉଲ୍ଲେଖ ଅଛି- ପରବ୍ରହ୍ମ ଏଭଳି କୌଣସି ବିଚାରଣୀୟ ପଦାର୍ଥ ନୁହେଁ ଯାହାକୁ ମନଦ୍ୱାରା ଗ୍ରହଣ କରାଯାଇପାରିବ । ସେ ଏଭଳି ତଥ୍ୟ, ଯାହା ଆଧାରରେ ମନକୁ ମନନର ଶକ୍ତି ପ୍ରାପ୍ତ ହୁଏ । ପରବ୍ରହ୍ମ ହିଁ ଆଖିକୁ ଦେଖିବାର, କାନକୁ ଶୁଣିବାର, ପ୍ରାଣକୁ ବଞ୍ଚିବାର ଶକ୍ତି ପ୍ରଦାନ କରନ୍ତି । ସେ ସର୍ବାନ୍ତର୍ଯ୍ୟାମୀ ଏବଂ ନିରପେକ୍ଷ । ସେ କେହି ଦେବତା ନୁହେଁ ଓ ନା ସେପରି କିଛି, ଯାହାର ଉପାସନା ପରବ୍ରହ୍ମ ନାମରେ କରାଯାଏ ।

ମୁଣ୍ଡକୋପନିଷଦ୍‌ରେ କୁହାଯାଇଛି– ଯାହାର ମନ ପବିତ୍ର ଓ ଶାନ୍ତ, ସେ ନିର୍ମଳ ଜ୍ଞାନ ସାହାଯ୍ୟରେ ଗଭୀର ଧ୍ୟାନର ଆଶ୍ରୟ ନେଇ ତାହାର ବୋଧ ପ୍ରାପ୍ତ କରିପାରେ ।

ବୈଜ୍ଞାନିକ ଆଇନ୍‌ଷ୍ଟାଇନ୍ ଅନ୍ତର୍ଜ୍ଞାନକୁ ବିଶେଷ ମହତ୍ତ୍ୱ ଦେଉଥିଲେ । ତାଙ୍କ ମତ ଥିଲା, ଜ୍ଞାନ ଆବଶ୍ୟକ, କାରଣ ଦୈନିକ କାର୍ଯ୍ୟର ସଞ୍ଚାଳନ ଏବଂ ବିଭିନ୍ନ ବିଷୟରେ ନିଷ୍ପତ୍ତି ଜ୍ଞାନର ଆଧାରରେ ହିଁ ହୋଇଥାଏ । ତଥାପି ଅନ୍ତର୍ଜ୍ଞାନର ନିଜସ୍ୱ କ୍ଷେତ୍ର ଓ ମହତ୍ତ୍ୱ ରହିଛି ।

ମସ୍ତିଷ୍କର କ୍ଷମତା ଏବଂ ତର୍କର ଉଡ଼ିବାର ଶକ୍ତି ସୀମିତ । କିନ୍ତୁ ଚେତନା କୌଣସି ବି ସ୍ଥାନକୁ ପହଞ୍ଚିପାରେ । ସଂସାରର ମହାନ ଆବିଷ୍କାରମାନ ଏହି ରହସ୍ୟମୟୀ ଅନ୍ତଃପ୍ରଜ୍ଞାର ଆଧାରରେ ସମ୍ଭବ ହୋଇଛି । ପ୍ରମାଣିତ କରିବା ପାଇଁ କରାଯାଉଥିବା ଗବେଷଣା କାର୍ଯ୍ୟ ଏହି ଅନ୍ତଃପ୍ରଜ୍ଞାର ପ୍ରକାଶ ପ୍ରାପ୍ତ ହେବାପରେ ହିଁ ଆରମ୍ଭ ହୋଇଥାଏ ।

ଆତ୍ମଜ୍ଞାନ ଓ ବ୍ରହ୍ମଜ୍ଞାନକୁ ଗୋଟିଏ ହିଁ ତଥ୍ୟର ଉଦ୍‌ବୋଧକ କୁହାଯାଏ । ଈଶ୍ୱର ବିଶ୍ୱାସ ସହିତ ଯୋଡ଼ିଥିବା ଆତ୍ମବିଶ୍ୱାସ ଯେତେବେଳେ ବିକଶିତ ହୁଏ, ସେତେବେଳେ ତା'ଉପରେ ଆଦର୍ଶବାଦିତା ମଧ ଛାଇ ରହେ । ଏହି ଆଚ୍ଛାଦନ ସାଧାରଣ ଦୃଷ୍ଟିରେ ଗୌଣ ପ୍ରତୀତ ହେଉଥିଲେ ମଧ ତା'ର ପ୍ରତିଫଳ କ୍ରମଶଃ ଅଧିକାଧିକ ଫଳଦାୟକ ସିଦ୍ଧ ହୋଇଥାଏ ।

ଈଶ୍ୱର ବିଶ୍ୱାସ ଜୀବନର ପ୍ରତ୍ୟେକ ପରିସ୍ଥିତିରେ ସହାୟକ ହୋଇଥାଏ । ସେ ଅସନ୍ତୁଳନକୁ ସନ୍ତୁଳନରେ ବଦଳାଇଥାଏ । ନିରାଶାର କ୍ଷଣରେ ତା'ର ସେହି ଜ୍ୟୋତି ଚମକିଥାଏ ଯାହାକୁ ଦୀନବନ୍ଧୁ, ଭକ୍ତବତ୍ସଳ, ଅଶରଣଶରଣ ଆଦି ନାମରେ ଲୋକେ ଡାକନ୍ତି ଏବଂ ମାତୃତୁଲ୍ୟ ବାତ୍ସଲ୍ୟ ପ୍ରଦାନ କରିବାର, ଅଞ୍ଚଳରେ ଆଶ୍ରୟ ଦେବାର କଳ୍ପନା କରିଥାନ୍ତି ।

ଶ୍ରେଷ୍ଠ ମାର୍ଗରେ ଚାଲୁଥିବା ଲୋକଙ୍କ ପାଇଁ ଈଶ୍ୱର ବିଶ୍ୱାସ ଏକ ସୁଯୋଗ୍ୟ ଓ ସୁସମ୍ପନ୍ନ ସାଥୀପରି ହୋଇଥାଏ । ସନ୍ମାର୍ଗଗାମୀକୁ ପ୍ରୋତ୍ସାହିତ କରିବା ସହିତ ସାହାଯ୍ୟର ଆଶ୍ୱାସନା ମଧ ଦେଇଥାଏ । ଏହା ସାହାଯ୍ୟରେ ଚାଲୁଥିବା ଲୋକର ସାହସ ପ୍ରତିକୂଳତାରେ ମଧ ଅଟଳ ରହିଥାଏ । ନାସ୍ତିକ ଏଭଳି କାହାର ସାହାଯ୍ୟର ଆଶା କରେ ନାହିଁ, ବରଂ ସେ ନିଜର ଦୁର୍ବଳତା ଓ କଠିନତାକୁ ଦେଖିଥାଏ । ଏହି ସ୍ଥିତିରେ ତାକୁ ଏଭଳି ଅନ୍ତଃସ୍ଫୁରଣାର ଲାଭ ମିଳେ ନାହିଁ ଯାହା ଆଗକୁ ବଢ଼ିବାପାଇଁ ସାଧନଠାରୁ ମଧ ଅଧିକ ମୂଲ୍ୟବାନ ହୋଇଥାଏ ।

କର୍ମଫଳ ନ ଚାହିଁଲେ ମଧ ମିଳେ । କେହି ବି ଚାହେଁ ନାହିଁ ତାକୁ ଅଶୁଭ କର୍ମର ଫଳସ୍ୱରୂପ ଦଣ୍ଡ ମିଳୁ । ପୁରୁଷାର୍ଥ ଅନୁସାରେ ସଫଳତା ମିଳିବା କଥା ବି ସମସ୍ତେ ଚାହାଁନ୍ତି ନାହିଁ । ଲୋକେ ଚାହିଁଥାନ୍ତି ଦୁଃଖରୁ ରକ୍ଷା ମିଳୁ ଏବଂ ଅଧିକରୁ ଅଧିକ ସୁଖ ପ୍ରାପ୍ତ ହେଉ । କିନ୍ତୁ ଏହି ଇଚ୍ଛା ପୂର୍ଣ୍ଣ ହୁଏ ନାହିଁ । ଯେଉଁମାନେ ବ୍ୟବସ୍ଥା ଲଂଘନ କରନ୍ତି, ସେମାନେ ଦଣ୍ଡ ପାଆନ୍ତି । ସମସ୍ତେ ସୁଖ ସୁବିଧାରେ ରହିବାକୁ ଚାହାଁନ୍ତି, କିନ୍ତୁ ସୃଷ୍ଟିକ୍ରମ ଆଗରେ କାହାରି ଇଚ୍ଛା ଚଳେ ନାହିଁ । ଏହି ବ୍ୟବସ୍ଥା ପ୍ରବାହକୁ ଈଶ୍ୱର ବୁଝାଯାଇ ପାରେ ।

ମାନବ ଜୀବନରେ ସମତା, ସହଯୋଗ, ଶିକ୍ଷା, ଚରିତ୍ର ଓ ସୁରକ୍ଷାଭଳି ଉଚ୍ଚସ୍ତରୀୟ ତତ୍ତ୍ୱର ଅଭିବର୍ଦ୍ଧନ ଅତ୍ୟାବଶ୍ୟକ । ଏଗୁଡ଼ିକୁ ଆସ୍ଥାର ଗଭୀରତାରେ ପ୍ରବେଶ କରାଇବା ପାଇଁ ଆସ୍ତିକତାବାଦୀ ଜୀବନ ଦର୍ଶନ ଦରକାର ହୁଏ । ବ୍ୟକ୍ତିଗତ ଏବଂ ତାତ୍କାଳିକ ସଂକୀର୍ଣ୍ଣ ସ୍ୱାର୍ଥପରତାକୁ ନିୟନ୍ତ୍ରିତ କରି ହିଁ ଜୀବନରେ ସାମାଜିକ ଏବଂ ଆଦର୍ଶବାଦୀ ମୂଲ୍ୟର ପରିପୋଷଣ ସମ୍ଭବ । କିନ୍ତୁ ପ୍ରତ୍ୟକ୍ଷବାଦ ସଦା ସାମୟିକ ସ୍ୱାର୍ଥସିଦ୍ଧ କରିବାପାଇଁ ଚାପ ଦେଇଥାଏ । ଏଥିପାଇଁ ନିଜକୁ ହାନି ଉଠାଇବାକୁ ବଡୁ ବା ସାର୍ବଜନିକ ଅହିତ କରିବାକୁ ପଡୁ, ଏଥର ଚିନ୍ତା କରେନାହିଁ । ଏହି ପାଶବିକ ପ୍ରବୃତ୍ତି ଉପରେ ଅଙ୍କୁଶ ଲଗାଇବାପାଇଁ ହିଁ ମାନବୀୟ ଆଦର୍ଶର ଭିତ୍ତି ସ୍ଥାପନା କରାଯାଏ । ମାନବ ଜୀବନର ଗରିମା ଏବଂ ସାମାଜିକ ବ୍ୟବସ୍ଥା ପାଇଁ ସାଧନର ସେତିକି ଆବଶ୍ୟକତା ନାହିଁ ଯେତିକି ଆସ୍ଥା ଆବଶ୍ୟକ ହୋଇଥାଏ । ଉତ୍କୃଷ୍ଟତାପ୍ରତି ଆସ୍ଥା ଉତ୍ପନ୍ନ କରିବା ହିଁ ଆସ୍ତିକତାର ମୂଳଭୂତ ଆଧାର ।

ଉପରୋକ୍ତ ଆସ୍ତିକତାର ମୂଳଭୂତ ଆଧାରକୁ ଯିଏ ନିଜର ଜୀବନଶୈଳୀ ବନାଇ ଦେଇଛି, ତା'ର ଜୀବନର କାର୍ଯ୍ୟକଳାପକୁ ପରମାର୍ଥନିଷ୍ଠାର ଆଦର୍ଶ କୁହାଯାଇପାରେ । ପରମାର୍ଥର ଅର୍ଥ ସେହି କାର୍ଯ୍ୟ ଯାହାଦ୍ୱାରା ସର୍ବଶ୍ରେଷ୍ଠ ପ୍ରୟୋଜନ ପୂରା ହୋଇଥାଏ । ଏହି କାରଣରୁ ପରମାର୍ଥପରାୟଣତାକୁ ଆସ୍ତିକତାର ମୂଳଭୂତ ଦର୍ଶନ କୁହାଯାଇପାରେ । ପରମାର୍ଥ– ବୁଦ୍ଧିଦ୍ୱାରା କିଛି ବି କରାଯାଇପାରେ । ଏହା ଯାହାପାଇଁ ବି କରାଯାଏ, ତାହା ପୁଣି କର୍ତ୍ତା ନିକଟକୁ ଫେରିଆସେ । ଏହି ଆକାଂକ୍ଷା ବସ୍ତୁତଃ ନିଜକୁ ପ୍ରେମ କରିବା, ଶ୍ରେଷ୍ଠ ଭାବିବା ଓ ଆତ୍ମା ସମ୍ମୁଖରେ ନିଜକୁ ସମର୍ପିତ କରିବା ରୂପରେ ହିଁ ଶେଷରେ ବିକଶିତ ହୁଏ ।

ଦର୍ପଣରେ ସୁନ୍ଦର ଛବି ଦେଖିବାର ପ୍ରସନ୍ନତା ବସ୍ତୁତଃ ନିଜର ହିଁ ସୁସଜ୍ଜାର ଅଭିବ୍ୟକ୍ତି ଅଟେ । ଅନ୍ୟମାନଙ୍କ ଆଗରେ ନିଜର ଶ୍ରେଷ୍ଠତା ପ୍ରକାଶିତ କରିବା ସେହିମାନଙ୍କପାଇଁ ସମ୍ଭବ, ଯେଉଁମାନେ ଭିତରରୁ ଶ୍ରେଷ୍ଠ ହୋଇଥାନ୍ତି । ପ୍ରଭୁଙ୍କ ପଥରେ ଅଗ୍ରସର ପ୍ରତ୍ୟେକ ପାଦ ନିଜର ଆର୍ଥିକ ପ୍ରଗତିପାଇଁ କରାଯାଉଥିବା ପ୍ରୟାସ ବୋଲି ଜାଣନ୍ତୁ । ଯାହା ପରପାଇଁ କରାଯାଏ, ବସ୍ତୁତଃ ତାହା ନିଜପାଇଁ କରିଥିବା କର୍ମ ଅଟେ । ଅନ୍ୟମାନଙ୍କପ୍ରତି ଅନ୍ୟାୟ କରିବାର ଅର୍ଥ ନିଜ ସହିତ ଅନ୍ୟାୟ କରିବା । ଆମେ ନିଜ ବ୍ୟତୀତ ଅନ୍ୟ କାହାକୁ ଠକିପାରିବା ନାହିଁ । ଅନ୍ୟମାନଙ୍କପ୍ରତି ଅସଜନତା କରିବାର ଅର୍ଥ ନିଜ ସହିତ ହିଁ ଦୁଷ୍ଟତା ବା ଦୁର୍ବ୍ୟବହାର କରାଯାଏ ।

ଅନ୍ୟମାନଙ୍କୁ ପ୍ରସନ୍ନ କରିବାର ଅର୍ଥ ନିଜକୁ ପ୍ରସନ୍ନ କରିବାର ହିଁ କ୍ରିୟାକଳାପ ଅଟେ । ପେଣ୍ଡୁକୁ ଉର୍ଦ୍ଧ୍ୱକୁ ଫିଙ୍ଗିବାର ଅର୍ଥ ନିଜର ମାଂସପେଶୀକୁ ବଳିଷ୍ଠ ବନାଇବା । ପେଣ୍ଡୁ ଉପରକୁ ଫିଙ୍ଗି ଆମେ ତା' ଉପରେ କୌଣସି କୃପା କରିନଥାଉ । ଆମେ ନ ଫିଙ୍ଗିଲେ ତା'ର କିଛି କ୍ଷତି ହେବନାହିଁ । ଖେଳିବା ବନ୍ଦ କରିଦେଲେ କ୍ରୀଡ଼ା ସାମଗ୍ରୀର କି କ୍ଷତି ହେବ ବରଂ ଏହାଦ୍ୱାରା ନିଜକୁ ହିଁ ବଳିଷ୍ଠ ହେବାର ସୁଖରୁ ବଞ୍ଚିତ ରହିବାକୁ ପଡ଼ିବ ।

ଈଶ୍ୱର ରୁଷ୍ଟ ହୋଇନାହାନ୍ତି ଯେ ତାଙ୍କୁ ମନାଇବାକୁ ପଡ଼ିବ । ରୁଷ୍ଟ ହୋଇଯାଇଛି ଆମର ସ୍ୱଭାବ ଓ କର୍ମ, ଏହାକୁ ମନାଇବା ଦରକାର । ନିଜେ ନିଜକୁ ହିଁ କୁକର୍ମ ଛାଡ଼ିବାର ପ୍ରାର୍ଥନା କରନ୍ତୁ । ମନକୁ ମନାଇଦେଲେ ଓ ଆତ୍ମାକୁ ଉଠାଇଦେଲେ ବୁଝିବା ଦରକାର ଈଶ୍ୱରଙ୍କ ପ୍ରାର୍ଥନା ସଫଳ ହୋଇଗଲା ଓ ତାଙ୍କ କୃପା ପ୍ରାପ୍ତ ହୋଇଗଲା ।

ପତିତଙ୍କୁ ଉଦ୍ଧାର କରିବା, ପଛୁଆଙ୍କୁ ଆଗକୁ ବଢ଼ାଇବା, ଭ୍ରମିତଙ୍କୁ ପଥ ଦେଖାଇବା ଓ ଅଶାନ୍ତ ଲୋକଙ୍କୁ ଶାନ୍ତିଦାୟକ ସ୍ଥାନରେ ପହଞ୍ଚାଇଦେବା ବସ୍ତୁତଃ ଈଶ୍ୱରଙ୍କର ହିଁ ସେବା ଅଟେ । ଯେବେ ଆମେ ଦୁଃଖୀ ଓ ଦୀନ–ଦରିଦ୍ରଙ୍କୁ ଦେଖି ବ୍ୟଥିତ ହୋଇଥାଉ ଏବଂ ମଳିନତାଙ୍କୁ ସ୍ୱଚ୍ଛତାରେ ବଦଳାଇବା ପାଇଁ ଆଗକୁ ବଢ଼ିଥାଉ, ତେବେ ବୁଝିବା ଦରକାର ଏହି କାର୍ଯ୍ୟ ଈଶ୍ୱରଙ୍କ ପାଇଁ, ତାଙ୍କ ପ୍ରସନ୍ନତା ପାଇଁ ହିଁ କରାଯାଉଛି । ଅନ୍ୟମାନଙ୍କର ସେବା-ସହଯୋଗ ନିଜର ହିଁ ସେବା–ସହଯୋଗ ଅଟେ ।

ପ୍ରାର୍ଥନା ସେହିମାନଙ୍କର ସାର୍ଥକ ହୁଏ, ଯେଉଁମାନେ ଆତ୍ମାକୁ ପରମାତ୍ମାଙ୍କ ଠାରେ ବିଲୀନ କରିଦେବାପାଇଁ ବ୍ୟାକୁଳ ରହନ୍ତି । ଯେଉଁମାନେ ନିଜକୁ ପରମାତ୍ମାଙ୍କଭଳି ମହାନ ବନାଇବାପାଇଁ ବ୍ୟାକୁଳ ରହନ୍ତି, ଯେଉଁମାନେ ପ୍ରଭୁଙ୍କୁ ଜୀବନର ଅଣୁ ପରମାଣୁରେ ମିଶାଇ ଦେବାପାଇଁ ବ୍ୟଗ୍ର, ଯେଉଁମାନେ ପ୍ରଭୁଙ୍କର ହୋଇ ବଞ୍ଚିବାକୁ ଚାହାଁନ୍ତି, ସେମାନେ ହିଁ ପ୍ରକୃତ ଭକ୍ତ । ଅନ୍ୟମାନେ କେବଳ ବିଦୂଷକ । କିଛି ନେବାପାଇଁ କରାଯାଉଥିବା ଭଜନ ବସ୍ତୁତଃ ପ୍ରଭୁପ୍ରେମର ନିର୍ମମ ଉପହାସ ଅଟେ । ଭକ୍ତିରେ ଆତ୍ମସମର୍ପଣ ବ୍ୟତୀତ ଅନ୍ୟ କିଛି ରହେ ନାହିଁ । ସେଥିରେ କେବଳ ଦେବା କଥା ହିଁ ମନେ ରହେ, ନେବାର ବିଚାର କେଉଁଠି ଉଠେ ?

ଆମେ ନିଜକୁ ପ୍ରେମ କରିବା କଥା, ଯାହା ଫଳରେ ପ୍ରଭୁଙ୍କୁ ପ୍ରେମ କରିବାଯୋଗ୍ୟ ହୋଇପାରିବା । ଆମେ ନିଜର କର୍ତ୍ତବ୍ୟ ପାଳନ କରିବା କଥା, ଯଦ୍ୱାରା ପ୍ରଭୁଙ୍କ ନିକଟରେ ବସିବାର ପାତ୍ରତା ପ୍ରାପ୍ତ କରିପାରିବା । ଯିଏ ନିଜ ଅନ୍ତଃକରଣକୁ ପ୍ରେମରେ ଓତପ୍ରୋତ କରିନେଲା, ଯାହାର ଚିନ୍ତନ ଓ କର୍ମରେ ପ୍ରେମ ସମାହିତ ହୋଇଗଲା, ଈଶ୍ୱରଙ୍କ ପ୍ରେମ କେବଳ ତାକୁ ହିଁ ମିଳିବ । ଯିଏ ଦୀପପରି ଜଳି ଆଲୋକ ସୃଷ୍ଟି କରିବାକୁ ପ୍ରସ୍ତୁତ, ତା'ର ଭିତରେ ହିଁ ପ୍ରଭୁଙ୍କ ଜ୍ୟୋତି ଅବତରିତ ହେବ । ଈଶ୍ୱରଙ୍କ ଅସ୍ତିତ୍ୱ ବିବାଦର ନୁହେଁ, ଅନୁଭବର ବିଷୟ । ଯିଏ ସେହି ଅସ୍ତିତ୍ୱର ଯେତିକି ଅନୁଭବ କରିବ, ତା'ର ଜୀବନ ସେତିକି ହିଁ ପ୍ରକାଶିତ ହେବ ।

## ଆଜିର ଚିନ୍ତନ

**ସ**ଚରାଚର ବୃଦ୍ଧ ବୃଦ୍ଧା ବା ବୟସ୍କମାନଙ୍କର ଉପସ୍ଥିତି କିପରି ଅପରିହାର୍ଯ୍ୟ ତା'ର ଅସଂଖ୍ୟ ଉଦାହରଣ ମଧରୁ ରୋମାନିଆର ଲୋକକଥା 'ଦି ଲ୍ୟାଣ୍ଡ ହୋୟାର୍ ଦେୟାର୍ ଓୟାର୍ ନୋ ଓଲ୍ଡ ମେନ୍ ସ୍ମରଣ କରା ଯାଇପାରେ । ରାଜାଙ୍କ ଆଦେଶରେ ଦେଶର ସମସ୍ତ ବୃଦ୍ଧ ଓ ବୃଦ୍ଧାଙ୍କୁ ମାରି ଦିଆଗଲା ପରେ ଦେଶ ଯେତେବେଳେ ଧ୍ୱଂସ ଆଡ଼କୁ ଗତି କରୁଥିଲା । ଦୈବାତ୍ ବଞ୍ଚି ରହିଥିବା ବୃଦ୍ଧଟିଏ ସେତିକିବେଳେ ଉପଯୁକ୍ତ ପରାମର୍ଶ ଦେଇ ଦେଶବାସୀଙ୍କୁ କିପରି ମୃତ୍ୟୁମୁଖରୁ ରକ୍ଷା କରିଥିଲେ ତାହା ହିଁ ଉକ୍ତ ଉପାଖ୍ୟାନର କଥାବସ୍ତୁ ।


ଆଗେ ମୁରବିମାନେ ନିଃ ସ୍ୱାର୍ଥପର ଥିଲେ ଏବଂ ସମସ୍ତଙ୍କର ଭଲ ପାଞ୍ଚୁଥିଲେ । ପୁରାଣରେ ବର୍ଣ୍ଣିତ ମୁନିଋଷି, ରାମାୟଣରେ ବଶିଷ୍ଠ, ସୁମନ୍ତ୍ର, ମହାଭାରତରେ ବିଦୁର, ଭୀଷ୍ମ ଏବଂ ପରବର୍ତ୍ତୀ କାଳରେ ରାଜତନ୍ତ୍ରରେ ରାଜଗୁରୁ ଏମାନେ ସମସ୍ତେ ମୁରବି ଥିଲେ, ଯେଉଁମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଏକ ଧାର୍ମିକ ଆଚରଣ ଭାବରେ ଗୃହୀତ ହେଉଥିଲା । ରାଜାମହାରାଜାମାନେ ଯେତେ ପରାକ୍ରମଶାଳୀ ହେଲେ ବି ମୁରବି ସ୍ଥାନୀୟ ବ୍ୟକ୍ତିଙ୍କୁ ଅବମାନନା କରିବାକୁ ଭୟ କରୁଥିଲେ ଏବଂ ସେଥିରୁ ସାମାନ୍ୟ ବିଚ୍ୟୁତି ଘଟିଲେ କେତେ ଅଘଟଣ ଘଟେ ପୁରାଣ ତାହାର ସାକ୍ଷୀ । ଓଡ଼ିଆ ସାହିତ୍ୟରେ ବି ନକାରାତ୍ମକ ହେଉ ବା ସକାରାତ୍ମକ, ଅନେକ କ୍ଷେତ୍ରରେ ମୁରବିମାନଙ୍କର ଭୂମିକ ବିଷୟରେ ଉଲ୍ଲେଖ ରହିଛି । ଯେପରି ଫକୀର ମୋହନଙ୍କ 'ଛଅ ମାଣ ଆଠଗୁଣ୍ଠ'ରେ ରାମଚନ୍ଦ୍ର ମଙ୍ଗରାଜ, କାହ୍ନୁ ଚରଣଙ୍କ 'ଶାସ୍ତି'ରେ ପହରାଜେ, କାଳିନ୍ଦୀ ଚରଣଙ୍କ 'ମାଟିର ମଣିଷ'ରେ ହରି ମିଶ୍ର, ସଚ୍ଚି ରାଉତରାୟଙ୍କ 'ଛୋଟ ମୋର ଗାଁଟି'ରେ କପିଳ ନନ୍ଦେ ଇତ୍ୟାଦି ଇତ୍ୟାଦି । କିନ୍ତୁ ପରିତାପର ବିଷୟ ଯେ ସାମ୍ପ୍ରତିକ ସମାଜରେ ଏଭଳି ପରମ୍ପରାର ଘୋର ଅବକ୍ଷୟ ଘଟି ଚାଲିଛି । ମୁରବି ଅଛନ୍ତି; ହେଲେ ମୁରବିପଣିଆ ଆଉ ନାହିଁ ।

ଆଧୁନିକତାର ସ୍ପର୍ଶରେ ଯୁବ ପିଢ଼ିର ଚିନ୍ତାଧାରାରେ ପରିବର୍ତ୍ତନ ଘଟୁଛି । ସେମାନେ ଭୁଲି ଯାଉଛନ୍ତି ଯେ ଯେତେ ଜ୍ଞାନୀ, ଗୁଣୀ ହେଲେ ବି ମୁରବିମାନଙ୍କର ବୟସ, ଅନୁଭୂତି ଓ ବାସ୍ତବ ଜ୍ଞାନରୁ କିଛି ଶିକ୍ଷା କରିପାରିଲେ ଜୀବନ ପରିପକ୍ୱ ହୁଏ । ଏହା ବି କେତେକାଂଶରେ ସତ ଯେ ଆଜିକାଲି ମୁରବିମାନଙ୍କର ଭାବମୂର୍ତ୍ତିରେ ସ୍ୱାର୍ଥ ପଶିଯାଇ ସେଥିରେ କଳଙ୍କ ଲଗେଇ ଦେଉଛି । ଫଳରେ କେହି କାହା କଥା ଶୁଣିବାକୁ ନାରାଜ, ବୁଝିବାକୁ ଅମଙ୍ଗ ମାନିବାକୁ ଅରାଜି ତଥା ବୟୋଜ୍ୟେଷ୍ଠଙ୍କୁ ସମ୍ମାନ ଦେବାକୁ କୁଣ୍ଠିତ । ସେଥିରେ ପୁଣି ଯୋଡ଼ି ହୋଇ ଯାଉଛି ସ୍ୱାର୍ଥସର୍ବସ୍ୱ ରାଜନୀତି, ଯାହା ପରିବାର, ସାହି, ଗାଁ, ସହର ସବୁଠାରେ ଭେଦଭାବର ବୀଜବପନ କରି ମାନବିକ ମୂଲ୍ୟବୋଧକୁ ପଛକୁ ଠେଲି ଦେଉଛି । ପରିଣାମ ସ୍ୱରୂପ ଆଜିର ସମାଜ ରାଜାବିହୀନ ରାଜ୍ୟ, ସେନାପତିଶୂନ୍ୟ ସୈନ୍ୟ ବାହିନୀ, ନାଉରୀ ବିନା ନୌକା ଏବଂ ଶିକ୍ଷକ ନଥାଇ ବିଦ୍ୟାଳୟ ଭଳି ଦିଗଭ୍ରଷ୍ଟ ହୋଇ ଯାଉଛି । ସାଧାରଣ ନାଗରିକଙ୍କର ସୁରକ୍ଷା ଓ କଲ୍ୟାଣ ପାଇଁ ସରକାର ଯେପରି ବିଭିନ୍ନ ଆଇନ୍ କାନୁନ୍ ପ୍ରଣୟନ କରନ୍ତି, ଶାନ୍ତିରେ ଜୀବନଯାପନ ପାଇଁ ସମାଜରେ ସେହିପରି କିଛି ବିଧିବିଧାନ ଗଢ଼ା ହୋଇଛି, ଯାହାର ଅଂଶବିଶେଷ ମୁରବି । ତାଙ୍କୁ ସମ୍ମାନ ଦେଲେ ସାମାଜିକ ଶୃଙ୍ଖଳା ବଜାୟ ରହିବା ସହିତ ଆମର ମହନୀୟତା ବଢ଼େ ।

# ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର

**ଚା**ଲିବା ହେଉଛି ସବୁଠାରୁ ସରଳ ବ୍ୟାୟାମ । ଏଥିଲାଗି କୌଣସି ସ୍ୱତନ୍ତ୍ର ସରଞ୍ଜାମ ଦରକାର ପଡ଼େ ନାହିଁ । ପ୍ରତିଦିନ ଚାଲିବା ଦ୍ୱାରା ଗୋଡ଼, ନିତମ୍ବ ଓ ଅଣ୍ଟାର ବିଭିନ୍ନ ମାଂସପେଶୀ ସକ୍ରିୟ ହୋଇଥାଏ ଏବଂ ଏହା ହୃତ୍‌ପିଣ୍ଡର ସ୍ୱାସ୍ଥ୍ୟକୁ ଉତ୍ପ୍ରେରିତ କରିଥାଏ । ନିୟମିତ ଚାଲିବା ଦ୍ୱାରା କ୍ୟାଲୋରି କ୍ଷୟ ହୋଇଥାଏ, ମନୋଭାବରେ ଉନ୍ନତି ହୁଏ, ମଧୁମେହ ଓ ଉଚ୍ଚ ରକ୍ତଚାପ ଭଳି ରୋଗର ଆଶଙ୍କା ହ୍ରାସ ପାଇଥାଏ । ବାହାର ପରିବେଶରେ ଚାଲିବା ଦ୍ୱାରା ଆମେ ବୃକ୍ଷଲତା ଓ ସୂର୍ଯ୍ୟାଲୋକ ସଂସ୍ପର୍ଶରେ ଆସୁ, ଯାହା ଶରୀରରେ ଭିଟାମିନ୍ ଡି'ର ମାତ୍ରା ବଢ଼ାଏ ଏବଂ ସୁସ୍ଥତା ବଜାୟ ରଖେ । ତେଣୁ ସବୁ ବୟସର ଲୋକଙ୍କ ଲାଗି ଏହା ଏକ ଭଲ ବ୍ୟାୟାମ ।

ଅପରପକ୍ଷେ ଶିଡ଼ି ଚଢ଼ିବା ହେଉଛି ଏକ ଅପେକ୍ଷାକୃତ କଠୋର ବ୍ୟାୟାମ । ଶିଡ଼ି ଚଢ଼ିବା ବେଳେ ଚାଲିବା ଅପେକ୍ଷା ଅଧିକ କ୍ୟାଲୋରି କ୍ଷୟ ହୋଇଥାଏ, କାରଣ ପ୍ରତିଟି ପାଦ ପକାଇବା ବେଳେ ଶରୀରକୁ ମାଧ୍ୟାକର୍ଷଣ ଶକ୍ତି ବିରୋଧରେ ଶକ୍ତି ଖଟାଇବାକୁ ପଡ଼େ । ଏହା ଗୋଡ଼ର କେତେକ ନିର୍ଦ୍ଦିଷ୍ଟ ମାଂସପେଶୀକୁ ସକ୍ରିୟ କରିଥାଏ, ହୃଦ୍‌ସ୍ପନ୍ଦନର ବେଗ ବୃଦ୍ଧି କରେ ଏବଂ ରକ୍ତ ସଂଚାଳନ ପ୍ରକ୍ରିୟାକୁ ସୁଦୃଢ଼ କରେ । ଏଥି ସହିତ ଅସ୍ଥି ସାନ୍ଦ୍ରତା ବୃଦ୍ଧି କରିବା ଓ ଗଣ୍ଠିର ସ୍ୱାସ୍ଥ୍ୟକୁ ଉନ୍ନତ କରିବା ଦିଗରେ ବେଶ୍ ଉପାଦେୟ । ତେଣୁ ଅଷ୍ଟିଓପୋରସିସ୍ ଓ ଗଣ୍ଠି ସମସ୍ୟାର ଆଶଙ୍କା ଥିବା ଲୋକମାନେ ଚାଲିବା ଅପେକ୍ଷା ଶିଡ଼ି ଚଢ଼ିବା ଅଧିକ ଲାଭଦାୟକ ହୋଇଥାଏ । କମ୍ ସମୟରେ ଅଧିକ କ୍ୟାଲୋରି କ୍ଷୟ କରିବାକୁ ଚାହୁଁଥିବା ଓ ନିମ୍ନଭାଗର ମାଂସପେଶୀଗୁଡ଼ିକୁ ସୁଦୃଢ଼ କରିବାକୁ ଚାହୁଁଥିବା ଲୋକମାନେ ଶିଡ଼ି ଚଢ଼ିବାର ବିକଳ୍ପ ବାଛିବା ଉଚିତ ।



ସ୍ୱୀକାର

ବର୍ଷ ୨୮, ସଂଖ୍ୟା - ୨୧, ୨୭ ମଇ - ୧ ଜୁନ୍ ୨୦୨୪

# ପଙ୍କିଳ ରାଜନୀତି

**ଶା**ଶ୍ୱତ ପ୍ରେମ ଭଳି ଏମିତି ସମୟ ଥିଲା, ଯେତେବେଳେ କି ରାଜନୀତି ମୂଲ୍ୟବୋଧଭିତ୍ତିକ ଥିଲା । ନୀତି ଶ୍ରେଷ୍ଠ ଥିଲା । ନୀତିନିୟମ ତଥା ଉଚ୍ଚ ଆଦର୍ଶବୋଧ ରାଜନୀତିରେ ପ୍ରତିଫଳିତ ଥିଲା ଓ ନେତା ବି ସେମିତି ଥିଲେ ଉଚ୍ଚ ବିଚାରଧାରାର, ନୀତି ଆଦର୍ଶର ଅସଲ ଧ୍ୱଜାଧାରୀ ଥିଲେ ଆଗର ନେତା । ନେତାଙ୍କ ନୀତି ନୈତିକତା ଥିଲା । ଠୋସ ରାଜନୀତିର ଧାରା ପବିତ୍ର ଗଙ୍ଗା ଜଳ ଭଳି ପ୍ରବାହମାନ ଥିଲା । ଆପଣା ମହତକୁ, ଆପଣା ସମ୍ମାନକୁ ଜଗୁଥିଲେ ଓ ଶାଶ୍ୱତ ପ୍ରେମ ଭଳି ଥିଲା ରାଜନୀତି ଅତି ସ୍ୱଚ୍ଛ । ସମୟ ସୁଅରେ ବଜାରୀକରଣ ଯୁଗରେ ସଭିଏଁ ସବୁଠି ପାଲଟିଗଲେ ଯେମିତି ଉପଭୋକ୍ତା । ସଭିଏଁ ବନିଲେ ଜଣେ ଜଣେ ଖାଉଟି ପୁଣି ସବୁଠି । ପ୍ରେମ ବଜାର ବି ଫିକା ପଡ଼ିଲା । ପ୍ରେମୀ ସାଜିଲେ ସ୍ୱାର୍ଥୀ । ପୋଷାକ ବଦଳାଇବା ଭଳି ସଙ୍ଗ - ସଙ୍ଗିନୀ ବଦଳାଇବା ଧାରା ଧିରେ ଧିରେ ଆରମ୍ଭ ହେଲା । ଆଜି ଯାଙ୍କୁ ତ କାଲିକି ଆଉ କାହା ସହ ଭାବ ଯୋଡ଼ିଲେଣି ସ୍ୱାର୍ଥୀ ପ୍ରେମୀ ଯୁଗଳ । ଏକରେ ଆଉ ସନ୍ତୁଷ୍ଟି ନାହିଁ । ବହୁ ସଙ୍ଗ - ସଙ୍ଗିନୀ ଲୋଡ଼ା ପଡିଲେଣି । ଏମିତି ଧିରେ ଧିରେ କଳଙ୍କିତ ହେଲା ପ୍ରେମ । ଏବେ ଶାଶ୍ୱତ ପ୍ରେମ ବିରଳ । ତରଳ ପ୍ରେମର ପ୍ରାବଲ୍ୟ ।

ତରଳ ରାଜନୀତି ଆଜି ଆରମ୍ଭ ହୋଇସାରିଛି । ଆଜି ରାଜନୀତିର ଆଧାର ହୋଇଛି ସ୍ୱାର୍ଥ ଓ ସୁବିଧାବାଦ । ସୁବିଧା ହାତେଇ ହେଉଥିବା ଯାଏ ଓ ସ୍ୱାର୍ଥ ପୂର୍ତ୍ତି ହେଉଥିବା ଯାଏ ରାଜନୀତି କରାଯାଏ ଦଳରେ ରହି । ଦଳର ବାନା ଉଡ଼ାଇବା, ଦଳର ବାନା ଧରିବା, ଦଳର ଗୁଣଗାନ କରିବା ସହଜ ଥାଏ ସେତିକି ବେଳ ପର୍ଯ୍ୟନ୍ତ, ଯେତେବେଳ ଯାଏ ସ୍ୱାର୍ଥ ସାଧନରେ ଅସୁବିଧା ରହି ନ ଥାଏ । ସ୍ୱାର୍ଥରେ ସାମାନ୍ୟ ବାଧା ଦେଖାଦେଲେ ଦଳ ଗନ୍ଧେଇବା ଆରମ୍ଭ କରେ । ସେଇ ସ୍ୱାର୍ଥୀ ନେତା ଧିରେ ଧିରେ ଦଳଠୁ ଦୂରେଇବା ଆରମ୍ଭ କରନ୍ତି । ହଠାତ୍ ଦଳ ଛାଡ଼ନ୍ତି । ଅନ୍ୟ ଦଳରେ ସାମିଲ ହୋଇଯାନ୍ତି । ଯେଉଁ ଦଳକୁ କାଲି ନିନ୍ଦା କରୁଥିଲେ ଆଜି ସେ ଦଳର ଗୁଣଗାନ କରିବାରେ ଶତମୁଖୀ ରହୁଛନ୍ତି । ବାଃ ବାଃରେ ନେତା । ଧନ୍ୟ ତୁମ ନୀତି ନୈତିକତା । ଏ ବିଚାର ନେତାଙ୍କ ପାଇଁ ନୁହେଁ, ତୁମ ଆମ ଭଳି ଭକୁଆ ଲୋକଙ୍କ ପାଇଁ ମଧ ପ୍ରଯୁଜ୍ୟ ।


ଆୟାରାମ ଗୟାରାମ ଆଜିର ତୁଙ୍ଗ ନେତା । ଏଥରକ ଦଳବଦଳ ବା ଦଳଡିଆଁ ଖେଳ ଅଧିକ ହୋଇଛି ସବୁ ଦଳରେ । ଦଳରୁ ଯାଇଛନ୍ତି ଗୟାରାମମାନେ, ଦଳକୁ ଆସିଛନ୍ତି ଆୟାରାମ ମାନେ । ପିଲାଦିନର ବେଙ୍ଗ ଡିଆଁ ଖେଳ ଖୁବ ଚିତ୍ତାକର୍ଷକ ଲାଗୁଥିଲା । ସେକଥାର ନିଚ୍ଛକ ପ୍ରତିଫଳନ ଦେଖା ଦେଇଆସିଛି ଏବର ତରଳ ରାଜନୀତିରେ । ଭୋଟ ପୂର୍ବରୁ ଆଜିର ଡିଆଁଡେଇଁ ଅତି ସାଧାରଣ ଦୃଶ୍ୟ ମନେହୁଏ । ଏଥିରେ ନୂତନତ୍ୱ ନଥାଏ । ହେଲେ ଅଜବ ଘଟଣା ଘଟେ ଡିଆଁ ଡେଇଁ ନେଇ । ଏହା ଚାଲିବ ଭୋଟ ହେବା ଯାଏ । ଭୋଟ ବି କିଣାବିକା ହୁଏ, ଏକଥା ଏଠି ଶୁଣାଯାଏ । ଭୋଟର କୁଆଡ଼େ ବିକ୍ରି ହୁଅନ୍ତି ଶାଗ ମାଛ ଦରରେ ନେତାଙ୍କଠି ଭୋଟ ଦେବା ପାଇଁ । ଏଥରକ ସ୍ପଷ୍ଟ ଦେଖାଗଲା ଟିକେଟ ନ ମିଳିଲେ ଦଳ ଛାଡ଼ । ଅନେକ ଦଳରେ ସେଇୟା ଦେଖାଗଲା । ଯିଏ ଯେଉଁଠି ଅଣଦେଖା ହେଉଛନ୍ତି ଅଭିଯୋଗ ଆଣି ଦଳ ଛାଡ଼ିଛନ୍ତି, ତାହା ତାଙ୍କ ବିଚାରରେ ଠିକ୍ ।

ପ୍ରାୟୋଜିତ ଆଧାରରେ ବି ଦଳ ଛାଡ଼ିଥିବାର ଦେଖାଯାଇଛି । ଏଥିରୁ ଗୋଟିଏ କଥା ସ୍ପଷ୍ଟ ହେଉଛି - ସ୍ୱାର୍ଥ ନାହିଁ ତ ଆଉ ଦଳରେ କାହିଁ ପାଇଁ ଏହା ହେଉଛି ଏଇଥପାଇଁ ଯେମିତି ଆଜିର ରାଜନୀତି - କେବଳ ଶାସନ ପାଇଁ ଆସନ ପାଇଁ ରହୁଛି ଉଦ୍ଦିଷ୍ଟ । ରାଜନୀତିର ସର୍ବଶେଷ ଲକ୍ଷ୍ୟ ଉଭୟ ଶାସନ ଓ ଆସନକୁ ଦଖଲ କରିବା । ଅସଲକୁ ଆସନରେ ବସିଲେ ତ ଶାସନ କରିବେ । ଆସନରେ ଯଦି ବସି ନ ପାରିବେ, ତେବେ ଦଳର ସେବା କରିବେ କେମିତି ? ଦଳତ୍ୟାଗୀଙ୍କ ବିଚାରରେ ଆସନରେ ବସିଲେ ସେବା ଦେବାର ସୁଯୋଗ ମିଳେ । ଆସନରେ ବସି ନ ପାରିଲେ, ସେବା ଦେବେ କେମିତି ? ଆସନରେ ଆଗ ବସିବା ପାଇଁ ଟିକେଟ ଲୋଡ଼ା ଥାଏ । ଠିଆ ହେବା ପାଇଁ ଆଗ ଟିକେଟ ଲୋଡ଼ା । ହେଲେ ଏଠି ଟିକେଟ ପାଉ ନ ଥିବା ନେତା ଦଳ ଡେଇଁଦେଲେ ସେଠି ପାଇଯାଉଛନ୍ତି ଟିକେଟ । ଗୋଟେ ଦଳ ଯାହାକୁ ଟିକେଟ ଦିଏ ନାହିଁ, ସେଇ ଦଳ ବୋଧେ ଭାବେ ଟିକେଟ ବୋଝ ବୋହିବାକୁ ତା'ଠି ବଳ ନାହିଁ । ଟିକେଟ ବୋଝ ବୋହିବାକୁ ଅସମର୍ଥ ଏହାର ଅର୍ଥ ବି ହୋଇପାରେ ନିଜ ସପକ୍ଷରେ କାହା ସମର୍ଥନକୁ ଭୋଟରେ ରୂପାନ୍ତରିତ କରିବାରେ ସେ ନୁହଁନ୍ତି ଆଉ ସମର୍ଥ । ଦଳ ବିଚାରରେ ସେ ନିଶ୍ଚୟ ଅପଦାର୍ଥ ।

ପ୍ରେମ ଆଜି ଶସ୍ତା ହେଲା ଭଳି ରାଜନୀତି ବି ଶସ୍ତା ହୋଇଚାଲିଛି ଦିନକୁ ଦିନ । ନେତାଙ୍କ ଶସ୍ତା ରାଜନୀତିର ନଗ୍ନ ରୂପ ବି ସାମ୍ନାକୁ ଆସୁଛି । ମାଟି ପାର୍ଟି ସବୁ ନେତାଙ୍କ ପାଇଁ ବଡ଼ ହୋଇପାରୁ ନାହିଁ । ସ୍ୱାର୍ଥ ଆଗ, ବାକି ସବୁ ପଛ । ଦଳ ଓ ଦଳର ନେତାଙ୍କ ପ୍ରତି ସର୍ବକାଳୀନ ଆନୁଗତ୍ୟ ଯେମିତି ରହିପାରୁନାହିଁ । ଦେଖାଯାଉ, ତରଳ ରାଜନୀତି ଆଗକୁ ଆଉ ଚାଲିପାରୁଛି କେତେ ଦିନ ? ରାଜନୀତି କେତେ ରହୁଛି ନୀତି ଆଧାରିତ ନା ନୀତି ଭ୍ରଷ୍ଟ ।

# ବିଶ୍ୱାସର ପ୍ରୟୋଗ

## ମହାତ୍ମା ଗାନ୍ଧୀ



**କ**ଠିନତମ ଧାତୁ ମଧ ଯଥେଷ୍ଟ ଉତ୍ତାପ ହେଲେ ଅବଶ୍ୟ ତରଳିଯିବ । ଠିକ୍ ସେହିପରି ଅହିଂସାରୂପୀ ଉତ୍ତାପ ମଧ ଯଥେଷ୍ଟ ହେଲେ କଠିନତମ ହୃଦୟ ତରଳି ଯିବାକୁ ବାଧ ହେବ । ଅହିଂସା ଯେ ପ୍ରକୃତରେ କେତେ ଉତ୍ତାପ ସୃଷ୍ଟି କରିବାକୁ ସମର୍ଥ ହେବ, ତା'ର କୌଣସି ସୀମା ନାହିଁ ।

ଏକାଧିକ ଶକ୍ତି, ଏପରିକି ପରସ୍ପର-ବିରୋଧୀ ପ୍ରକୃତିର ଶକ୍ତିର ପରିଣାମସ୍ୱରୂପ ଯେକୌଣସି ଏକ କ୍ରିୟା ସମ୍ଭବ ହୋଇଥାଏ । ଏହି କ୍ଷେତ୍ରରେ କୌଣସି ଶକ୍ତିର ଅପଚୟ ହୁଏନାହିଁ । ଯନ୍ତ୍ରବିଜ୍ଞାନର ପୁସ୍ତକଗୁଡ଼ିକରୁ ଆମକୁ ଏହି ଶିକ୍ଷାଟି ମିଳିଥାଏ । ମନୁଷ୍ୟର ଯାବତୀୟ କ୍ରିୟାର କ୍ଷେତ୍ରରେ ମଧ ସେହି ନିୟମଟି କାର୍ଯ୍ୟ କରୁଥାଏ । କେବଳ ଏତିକି ପାର୍ଥକ୍ୟ ଥାଏ ଯେ, ଗୋଟିକର କ୍ଷେତ୍ରରେ ଆମେ ସାଧାରଣତଃ କ୍ରିୟାଶୀଳ ଶକ୍ତିଗୁଡ଼ିକ ବିଷୟରେ ଅବଗତ ରହିଥାଉ ଏବଂ ଅବଗତ ଥାଉ ବୋଲି ଗଣିତର ହିସାବ କରି ଆଗରୁ ଫଳଟି ବିଷୟରେ ଭବିଷ୍ୟବାଣୀ କରିଥାଉ । ମାତ୍ର, ମନୁଷ୍ୟର କ୍ରିୟାଗୁଡ଼ିକ କ୍ଷେତ୍ରରେ, ସେଗୁଡ଼ିକ ନାନା ଶକ୍ତିର ସମ୍ମିଳନ ଦ୍ୱାରା ଘଟିଥାନ୍ତି, ଯାହା ସମ୍ବନ୍ଧରେ ଅଧିକାଂଶତଃ ଆମର କୌଣସି ଜ୍ଞାନ ନ ଥାଏ । ମାତ୍ର ଏବିଷୟରେ ଆମ ଅଜ୍ଞନତା ନିମନ୍ତେ ଆମେ ସେହି ଶକ୍ତିଗୁଡ଼ିକର ସାମର୍ଥ୍ୟକୁ କଦାପି ଅବିଶ୍ୱାସ କରି ପାରିବାନାହିଁ । ବରଂ ଆମର ଅଜ୍ଞାନ ହିଁ ଏହି କ୍ଷେତ୍ରରେ ଅଧିକତର ବିଶ୍ୱାସର କାରଣରୂପେ ହିଁ କାର୍ଯ୍ୟ କରିବ । ଅହିଂସା ପୃଥିବୀରେ ସବୁଠାରୁ ଅଧିକ ଶକ୍ତିଶାଳୀ ବଳ ହୋଇଥିବାରୁ ଏବଂ ଆପଣାର କ୍ରିୟାରେ ସବୁଠାରୁ ଅଧିକ ଅଜ୍ଞାତ ହୋଇ ରହିଥିବାରୁ, ଏଥିଲାଗି ବିଶ୍ୱାସର ହିଁ ସବୁଠାରୁ ଅଧିକ ପ୍ରୟୋଗ କରାଯାଇ ପାରୁଥିବା ଉଚିତ । ଠିକ୍ କେବଳ ବିଶ୍ୱାସ ଦ୍ୱାରା ପ୍ରେରିତ ହୋଇ ଆମେ ଯେପରି ଭଗବାନ ରହିଛନ୍ତି ବୋଲି କହୁଛୁ, ସେହିପରି ବିଶ୍ୱାସ ଦ୍ୱାରା ପ୍ରେରିତ ହୋଇ ହିଁ ଆମେ ଅହିଂସାରେ ଆସ୍ଥା ରଖିଥିବା । ଠିକ୍ ଜଳପରି ଏକ ବାଟ ପାଇଯିବା ମାତ୍ରକେ ହିଂସା ଏକ ଦୁର୍ଦାନ୍ତ ବେଗରେ ଭୟଙ୍କର ଆକାର ଧାରଣ କରି ସମ୍ମୁଖ ଆଡ଼କୁ ଧାଇଁବାକୁ ଆରମ୍ଭ କରେ । ଅହିଂସା କଦାପି ଉନ୍ମତ୍ତ ପରି କାର୍ଯ୍ୟ କରି ପାରିବ ନାହିଁ । ଅହିଂସା ହେଉଛି ଶୃଙ୍ଖଳାର ଅସଲ ସାର । ମାତ୍ର, ଯେତେବେଳେ ତାହାକୁ ଗତିଶୀଳ କରି ଦିଆଯାଏ, ସେତେବେଳେ କୌଣସି ପରିମାଣର ହିଂସା ତାହାକୁ କଦାପି ଦମନ କରି ପାରିବ ନାହିଁ । ସମ୍ପୂର୍ଣ୍ଣଭାବରେ ସକ୍ରିୟ ହୋଇ ପାରିବାଲାଗି ଏହା ଅବିମିଶ୍ରିତ ଶୁଦ୍ଧତା ଏବଂ ଏକ ଅଦମ୍ୟ ବିଶ୍ୱାସ ଆବଶ୍ୟକ କରିଥାଏ ।

ଅହିଂସା ଏକ ବିଜ୍ଞାନ । ବିଜ୍ଞାନର ଶବ୍ଦଭଣ୍ଡାରରେ 'ବିଫଳତା' ନାମକ ଶବ୍ଦ ଲାଗି କୌଣସି ସ୍ଥାନ ନାହିଁ । ପ୍ରତ୍ୟାଶିତ କୌଣସି ଫଳ ପାଇବାରେ ବିଫଳତା ଅନେକ ସମୟରେ ଆହୁରି ଅଧିକ ଆବିଷ୍କାର ନିମନ୍ତେ ପୁରୋଗାମୀରୂପେ କାର୍ଯ୍ୟ କରିଥାଏ ।'

ଆପଣାର ସମ୍ମୁଖରେ ହିଂସା ଯାହାକୁ ପାଏ, ତାକୁ ଗିଳି ପକାଏ ; ହିଂସାର ମୁଖ ମଧରେ ଯାଇ ପ୍ରବେଶ କରିବା ହେଉଛି ଅହିଂସାର କାର୍ଯ୍ୟ । ଅହିଂସାର ଏକ ପରିବେଶରେ ନିଜର ଅହିଂସାକୁ ପରୀକ୍ଷାର ସମ୍ମୁଖୀନ କରାଇବା ଲାଗି ଜଣେ ବ୍ୟକ୍ତିର କୌଣସି ସୁଯୋଗ ନଥାଏ । କେବଳ ହିଂସାର ସମ୍ମୁଖରେ ହିଁ ତାହାର କୌଣସି ପରୀକ୍ଷା ସମ୍ଭବ ହୋଇପାରେ ।

କେବଳ ଅହିଂସା ଦ୍ୱାରା ହିଁ ହିଂସାର ଫଳପ୍ରଦଭାବରେ ସମ୍ମୁଖୀନ ହୋଇ ହୁଏ । ଏହା ଏକ ପୁରାତନ ଓ ପ୍ରତିଷ୍ଠିତ ସତ୍ୟ ଓ ହିଂସାର ଯେକୌଣସି ଗୋଟିଏ ଅସ୍ତ୍ର, ଏପରିକି ତାହା ପରମାଣୁ ବୋମା ମଧ ହୋଇପାରେ, ଯଥାର୍ଥ ଅହିଂସା ସମ୍ମୁଖରେ ଆଣି ଦେଲେ ତାହା ଆଦୌ କୌଣସି କାମ ଦିଏନାହିଁ । ଅତି ଅଳ୍ପସଂଖ୍ୟକ ମନୁଷ୍ୟ ଯେ ଏହି ଶକ୍ତିଶାଳୀ ଅସ୍ତ୍ରଟିକୁ ପ୍ରୟୋଗ କରି ଜାଣିଛନ୍ତି, ସେ କଥା ସତ । ସେଥିଲାଗି ପ୍ରଭୂତ ବୁଝିବା ଶକ୍ତି ଆବଶ୍ୟକ, ଯଥେଷ୍ଟ ମନୋବଳ ଦରକାର । ସାମରିକ ସ୍କୁଲ ଏବଂ କଲେଜମାନଙ୍କରେ ଯାହା ଆବଶ୍ୟକ ହୁଏ, ଏହା ଆଦୌ ସେଭଳି ନୁହେଁ । ଅହିଂସା ଦ୍ୱାରା ହିଂସାର ସମ୍ମୁଖୀନ ହେବାରେ ଯେଉଁ ସବୁ ଅସୁବିଧାର ଅନୁଭବ ହୋଇଥାଏ, ତାହା କେବଳ ମନର ଦୁର୍ବଳତା ହେତୁ ହିଁ ହୋଇଥାଏ ।

'ପାପକୁ ଘୃଣା କର, ପାପୀକୁ ନୁହେଁ, ଏହା ଏପରି ଏକ ନୀତିବାକ୍ୟ, ଯାହାକୁ ଅତି ସହଜରେ ବୁଝି ହେଉଥିଲେ ହେଁ ଖୁବ କ୍ୱଚିତ୍ ତାହାର ପ୍ରୟୋଗ କରାଯାଏ ; ଏବଂ ସେହି କାରଣରୁ ହିଁ ଘୃଣାର ବିଷ ପୃଥିବୀରେ ବ୍ୟାପିଯିବାରେ ଲାଗିଥାଏ ।

ଏହି ଅହିଂସା ହେଉଛି ସତ୍ୟର ଅନ୍ୱେଷଣରେ ଭୂମିସ୍ୱରୂପ । ମୁଁ ଏହି କଥାଟିକୁ ପ୍ରତ୍ୟହ ଉପଲବ୍ଧି କରୁଛି ଯେ, ଅହିଂସା ଭୂମିରୂପେ ପ୍ରତିଷ୍ଠିତ ହୋଇ ରହି ନଥିଲେ ସେହି ଅନ୍ୱେଷଣ ବୃଥା ହିଁ ହୋଇଯାଏ । କୌଣସି ଗୋଟିଏ ବ୍ୟବସ୍ଥାର ପ୍ରତିରୋଧ କରିବା ଓ ତାହା ଉପରେ ଆକ୍ରମଣ କରିବା ବେଶ୍ ଯୁକ୍ତିଯୁକ୍ତ ହୋଇପାରେ, ମାତ୍ର ତା'ବୋଲି ଆମେ ଯଦି ସେହି ବ୍ୟବସ୍ଥାଟିକୁ ଚଳାଉଥିବା ବ୍ୟକ୍ତିଟିର ପ୍ରତିରୋଧ କରୁ କିମ୍ବା ତା'ଉପରେ ଆକ୍ରମଣ କରୁ, ତେବେ ତାହା ନିଜର ପ୍ରତିରୋଧ କଲାପରି ଓ ନିଜ ଉପରେ ଆକ୍ରମଣ କଲାପରି ହିଁ ହେବ । କାରଣ ଆମ ସମସ୍ତଙ୍କ ଉପରେ ହିଁ ସେହି ଗୋଟିଏ ବ୍ରୁରୁଶରୁ ରଙ୍ଗ ଲଗାଇ ଦିଆଯାଇଛି, ଆମେ ସମସ୍ତେ ସେହି ଗୋଟିଏ ସୃଷ୍ଟିକର୍ତ୍ତାଙ୍କର ହିଁ ସନ୍ତାନ ଏବଂ ତେଣୁ ଆମ ଭିତରେ ରହିଥିବା ଦିବ୍ୟ ସାମର୍ଥ୍ୟଗୁଡ଼ିକର କୌଣସି ସୀମା ହିଁ ନାହିଁ । କୌଣସି ଜଣେ ମନୁଷ୍ୟବ୍ୟକ୍ତିକୁ ତୁଚ୍ଛ ବୋଲି ଭାବିବାର ଅର୍ଥ ହେଉଛି ସେହି ଦିବ୍ୟ ସାମର୍ଥଗୁଡ଼ିକୁ ତୁଚ୍ଛ ବୋଲି ଭାବିବା ଏବଂ ତଦ୍ୱାରା କେବଳ ସେହି ପରମ ସତ୍ତାଙ୍କର ନୁହେଁ, ମାତ୍ର ତାଙ୍କ ସହିତ ସମଗ୍ର ପୃଥିବୀର ହିଁ ଅନିଷ୍ଟ ସାଧନ କରିବା ।


ଜଣେ ମନୁଷ୍ୟ ଏବଂ ତା'ର କାର୍ଯ୍ୟ–ଦୁଇଟି ଅଲଗା ଅଲଗା କଥା । ଗୋଟିଏ ଭଲ କାର୍ଯ୍ୟ ପ୍ରଶଂସାର କାରଣ ହେବ ଓ ଗୋଟିଏ ମନ୍ଦ କାର୍ଯ୍ୟ ଅବଶ୍ୟ ନିନ୍ଦାର କାରଣ ହେବ ସତ, ମାତ୍ର ଭଲ ହେଉ ଅଥବା ମନ୍ଦ ହେଉ, ସେହି କାର୍ଯ୍ୟଟିକୁ କରିଥିବା ବ୍ୟକ୍ତି ସ୍ଥଳ ଅନୁରୂପଭାବରେ ଆମଠାରୁ ସମ୍ମାନ ଲାଭ କରିବ ଅଥବା ଆମର ଅନୁକମ୍ପାର ପାତ୍ର ହୋଇ ରହିବ । 'ଯେଉଁମାନେ ଆଚରଣଗୁଡ଼ିକୁ ନଷ୍ଟ ନକରି ମଣିଷମାନଙ୍କୁ ନଷ୍ଟ କରନ୍ତି, ସେମାନେ ସ୍ୱୟଂ ସେହି ଆଚରଣଗୁଡ଼ିକୁ ହିଁ ଗ୍ରହଣ କରି ନିଅନ୍ତି ଏବଂ, ମଣିଷମାନେ ଚାଲିଗଲେ ଆଚରଣଗୁଡ଼ିକ ମଧ ଅବଶ୍ୟ ଚାଲିଯିବ ବୋଲି ଭ୍ରାନ୍ତଭାବରେ ବିଶ୍ୱାସ କରି ସେମାନେ ନଷ୍ଟ କରୁଥିବା ଲୋକଙ୍କ ତୁଳନାରେ ଅଧିକ ମନ୍ଦ ହିଁ ହୋଇ ଯାଆନ୍ତି । ସେମାନେ ମନ୍ଦଟିର ମୂଳ କାରଣ ଜାଣି ନଥାନ୍ତି ।

ଏହାକୁ ଅହିଂସାର ଅସଲ ପରୀକ୍ଷା ବୋଲି କୁହାଯିବ ଯେ, ଏକ ଅହିଂସ ସଂଗ୍ରାମରେ କୌଣସି ବିଦ୍ୱେଷ ଅବଶେଷ ରହୁ ନଥିବ, ଏବଂ ଶେଷରେ ଶତ୍ରୁମାନେ ବନ୍ଧୁରେ ପରିଣତ ହୋଇ ଯାଉଥବେ । ଜେନେରାଲ୍ ସ୍ମଟ୍ସ୍‌ଙ୍କ ସହିତ ଦକ୍ଷିଣ ଆଫ୍ରିକାରେ ମୋ'ର ସେହି ଅନୁଭୂତି ହୋଇଥିଲା । ଆରମ୍ଭରେ ସିଏ ମୋ'ର ସବୁଠାରୁ ଅଧିକ ଉତ୍କଟ ଶତ୍ରୁ ହୋଇ ରହିଥିଲେ ଓ ମୋ'ର ସବୁଠାରୁ ଅଧିକ ସମାଲୋଚନା କରୁଥିଲେ । ଏବେ ତ ସେ ମୋ'ର ସବୁଠାରୁ ଅଧିକ ଘନିଷ୍ଠ ବନ୍ଧୁରେ ପରିଣତ ହୋଇ ଯାଇଛନ୍ତି । ଅହିଂସାର ସର୍ବପ୍ରଥମ ନିହିତାର୍ଥଟି ହେଉଛି ଯେ, ଆମ ଭିତରର ଅହିଂସା ଆମ ପ୍ରତିପକ୍ଷର ଆମ ପ୍ରତି ରହିଥିବା ଦୃଷ୍ଟିକୁ କଠୋର ନକରି କୋମଳ କରିଦେଇ ପାରୁଥବ । ଏହା ପ୍ରତିପକ୍ଷର ହୃଦୟକୁ ତରଳାଇ ଦେଉଥିବ, ତା'ର ହୃଦୟରେ ଏକ ପ୍ରତ୍ୟୁତ୍ତରକ୍ଷମ ତନ୍ତ୍ରୀକୁ ସ୍ପର୍ଶ କରି ପାରୁଥିବ ।

ଅହିଂସାବାଦୀ ହିସାବରେ ତୁମେମାନେ ଏକଥା କହିପାରିବ କି ଯେ ତୁମେ ଯଥାର୍ଥ ଅହିଂସାର ଅନୁଶୀଳନ କରୁଛ ? ତୁମେ କହି ପାରିବ କି ଯେ ନିଜର ଖୋଲା ଛାତି ଉପରେ ତୁମେ ପ୍ରତିପକ୍ଷର ବାଣଗୁଡ଼ିକୁ ଗ୍ରହଣ କରି ନେଉଛ ଅଥଚ ତାହାର ଜବାବରେ ନିଜେ ଗୋଟିଏ ବାଣ ବି ମାରୁନାହଁ ? ତୁମେ କହି ପାରିବ କି ଯେ, ତୁମ ଭିତରେ ଆଦୌ କୌଣସି କ୍ରୋଧ ନାହିଁ ଏବଂ ତୁମେ ପ୍ରତିପକ୍ଷର ସମାଲୋଚନାରେ ଆଦୌ ବ୍ୟସ୍ତ ହୋଇ ପଡୁନାହଁ ?

ଜୀବନବ୍ୟାପୀ ଅହିଂସାର ଅଭ୍ୟାସ କରି ଆସିଥିବାରୁ, ଯେତେ ଅପୂର୍ଣ୍ଣତାଯୁକ୍ତ ହେଲେ ମଧ ମୁଁ ଏହି କ୍ଷେତ୍ରରେ ନିଜକୁ ଜଣେ ବିଶେଷଜ୍ଞ ବୋଲି ଦାବି କରି ପାରିବି । ଖାରା କଥା କହିବାକୁ ଗଲେ, ମୁଁ ଯେତିକି ଅଧିକ ପରିମାଣରେ ଅହିଂସାର ଅଭ୍ୟାସ କରୁଛି, ମୋ' ଜୀବନରେ ଅହିଂସାର ପୂର୍ଣ୍ଣ ରୂପାୟନଠାରୁ ମୁଁ ଯେ କେତେ ଅଧିକ ଦୂରରେ ରହିଛି, ସେହି କଥାଟି ମୋ' ଆଗରେ ସେତିକି ବେଶୀ ସ୍ପଷ୍ଟ ହୋଇ ଯାଉଛି । ପୃଥିବୀରେ ମନୁଷ୍ୟର ସର୍ବୋଚ୍ଚ କର୍ତ୍ତବ୍ୟ ରୂପେ ଏହି ଅହିଂସା ସମ୍ବନ୍ଧରେ ଅଜ୍ଞାନ ହୋଇ ରହିଥିବାରୁ, ଏ ଯୁଗରେ ହିଂସାର ସମ୍ମୁଖରେ ଅହିଂସା ଲାଗି ଆଦୌ ସେପରି କିଛି କ୍ଷେତ୍ର ନାହିଁ ବୋଲି ସିଏ କହିବାରେ ଲାଗିଛି । ଅପର ପକ୍ଷରେ ମୁଁ ଏପରି କହିବାକୁ ସାହସ କରିବି ଯେ, ପରମାଣୁ ବୋମାର ଏହି ଯୁଗରେ ଅବିମିଶ୍ରିତ ଅହିଂସା ହେଉଛି ଏକମାତ୍ର ଶକ୍ତି ଯାହାକି ହିଂସା ଏକତ୍ର ଠୁଳ କରି ରଖିଥିବା ସକଳ କୌଶଳକୁ ହତବଳ କରିଦେଇ ପାରିବ ।

## ବୁଟର ଔଷଧୀୟ ଗୁଣ



**ଭ**ଜା ବୁଟ ସବୁଦିନ ଖାଇଲେ ଶରୀରକୁ ବହୁ ପ୍ରକାରର ଫାଇଦା ମିଳିଥାଏ । ଭଜାବୁଟ ଖାଇଲେ ମୋଟାପଣ କମ୍ ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ ଏବଂ ପେଟ ସମ୍ବନ୍ଧୀୟ ଆହୁରି ବିଭିନ୍ନ ପ୍ରକାରର ରୋଗରୁ ବି ମୁକ୍ତି ମିଳିଥାଏ । ପ୍ରତିଦିନ ଏହାକୁ ଖାଇଲେ ଶରୀରରେ ଥିବା ଅତିରିକ୍ତ ଚର୍ବି ବାହାରିବାରେ ସାହାଯ୍ୟ କରିଥାଏ । ଯଦି ପରିସ୍ରା ସମ୍ବନ୍ଧୀୟ ରୋଗ ହୋଇଥାଏ ତାହେଲେ ଗୁଡ ସହିତ ଭଜାବୁଟ ଖାଇଲେ ଉପକାର ମିଳିଥାଏ । ଲଗାତର ଏହାକୁ ଖାଇଲେ କିଛି ଦିନ ମଧରେ ଆରାମ ମିଳିଥାଏ ।

# ସ୍ୱର୍ବେଦ

**ଅଷ୍ଟମ ଅଧ୍ୟାୟ**

**ଦିବ୍ୟ ଦୃଷ୍ଟି ଜବ ଖୁଲିୟା,**
**ସମଦୃଷ୍ଟୀ ଜଗ ଧୂର ।**
**ଏକ ପୁରୁଷ ମୟ ବ୍ୟାପ୍ତ ହୈ,**
**ସମ ରସ ଜଗ ଭରିପୂର ॥୦୧॥**

ଭାଷ୍ୟ - ଯେତେବେଳେ ଦିବ୍ୟଦୃଷ୍ଟି ଖୋଲିଯାଏ, ସେତେବେଳେ ସମଦୃଷ୍ଟିଆସିଯାଏ ଓ ଜଗତର ସମସ୍ତ ପରମାଣୁମାନଙ୍କରେ ଏକରସ ପରିପୂର୍ଣ୍ଣ ପରମ ପୁରୁଷ ବ୍ୟାପ୍ତ ଅନୁଭବ ହୋଇଥାନ୍ତି ।

**ଜଡ଼ ଚେତନ ଜଗ ଆତମା,**
**ଆତମ ମେଁ ସଂସାର ।**
**ସ୍ଥାୱର ଜଙ୍ଗମ ସୃଷ୍ଟି ମେଁ, ପରମ**
**ପୁରୁଷ କରତାର ॥୦୨॥**


ଭାଷ୍ୟ - ସମସ୍ତ ଜଡ଼ ଚେତନ ସଂସାର ସ୍ଥାବର ଏବଂ ଜଙ୍ଗମ ସୃଷ୍ଟିକର୍ତ୍ତାଙ୍କର ଆଧାର ପରମ ପୁରୁଷ ଅଟନ୍ତି ।

**ଜଗ ମେଁ ବ୍ୟାପକ ପୁରୁଷ ହୈ,**
**ପୁରୁଷ ମେଁ ସକଲ ପସାର ।**
**ବାହର ଭୀତର ପେଖହୀଁ, ଏକ**
**ଅଧାର ଅପାର ॥୦୩॥**

ଭାଷ୍ୟ - ସମସ୍ତ ଜଗତ ବ୍ୟାପକ ଅଟେ ଏବଂ ପୁରୁଷ ନିକଟରେ ହିଁ ସମସ୍ତ ସୃଷ୍ଟିର ବିସ୍ତାର ନିହିତ ।ଯୋଗ ବିଜ୍ଞାନର ଦୃଷ୍ଟିରେ ବାହାର ଭିତର ଏକ ସର୍ବାଧାର ପରଂବ୍ରହ୍ମ ଦୃଷ୍ଟିଗୋଚର ହୋଇଥାନ୍ତି । ଏକପାଦ ଜଗତ ଆଉ ତିନିପାଦ ଅମୃତରେ ଶୁଦ୍ଧ ସଚ୍ଚିଦାନନ୍ଦ ସ୍ୱରୂପରେ ପରଂବ୍ରହ୍ମ ବ୍ୟାପକ ଅଟନ୍ତି ।

**ଶୋକ ମୋହ ବ୍ୟାପେ ନହୀଁ,**
**ଦର୍ଶତ ପୁରୁଷ ପୁରାନ ।**
**ଅନ୍ତର ଲୀଲା ଦେଖହୀଁ, ଚାଲନ**
**ସୃଷ୍ଟି ମହାନ ॥୦୪॥**

ଭାଷ୍ୟ - ଯେତେବେଳେ ଆତ୍ମା




ପୂର୍ଣ୍ଣ ପୁରୁଷଙ୍କର ଦର୍ଶନ କରେ, ସେତେବେଳେ ଶୋକ ଏବଂ ମୋହର ଭାବ ରହେନାହିଁ । ସମସ୍ତ ସୃଷ୍ଟିର ସଂଚାଳନ ଏବଂ ଅନ୍ତରର ଲୀଳାକୁ ଯୋଗୀ ଦେଖିଥାଏ । ଜଗତର ସଂଚାଳନ କ୍ରିୟାର ଜ୍ଞାନ ଯୋଗୀକୁ ପ୍ରତ୍ୟକ୍ଷ ହୋଇଥାଏ, ଯଦ୍ୱାରା ନିଜର ଜୀବନ ମରଣ ଖେଳ ସଦୃଶ ହୋଇଯାଏ ।

**ଅନ୍ତର ଶବ୍ଦହିଁ, ଶବ୍ଦ ହୈ, ଅମିତ**
**ଅନନ୍ତ ଅପାର ।**
**ଓତ ପ୍ରୋତ ଜଗ ଦୃଶ୍ୟ ମେଁ,**
**ବାହର ଦୃଷ୍ଟି ପସାର ॥୦୫॥**

ଭାଷ୍ୟ - ଯୋଗର ଅନ୍ତର-ଭେଦ-ସାଧନର ଅନୁଭବରେ ଅସୀମ ଚେତନ ଶବ୍ଦର ଅନୁଭବ ନିରନ୍ତର ହୋଇଥାଏ । ଯେତେବେଳେ ବାହ୍ୟ ଦୃଷ୍ଟି ପ୍ରସାରିତ ହୁଏ, ସେତେବେଳେ ସମସ୍ତ ଜଗତରେ ଓତଃପ୍ରୋତ ଜଡ଼ିତ ଶବ୍ଦର ହିଁ ପ୍ରକାଶ ପ୍ରାପ୍ତ ହୋଇଥାଏ ।

**ସମଦୃଷ୍ଟୀ ଜବ ଆଇୟା, ଦର୍ଶନ**
**ସର୍ୱ ସମାନ ।**
**ସର୍ୱକାଲ ସବ ଦେଶ ମେଁ, ସବ**
**ହୈ ସର୍ୱ ମହାନ ॥୦୬॥**

ଭାଷ୍ୟ - ଯେତେବେଳେ ଯୋଗୀକୁ ସମଦୃଷ୍ଟି ପ୍ରାପ୍ତ ହୋଇଯାଏ ସେତେବେଳେ ସମସ୍ତ ପଦାର୍ଥମାନଙ୍କରେ ଏକ ସମାନ ବ୍ରହ୍ମତତ୍ତ୍ୱ ଦୃଷ୍ଟିଗୋଚର ହୋଇଥାଏ । ସର୍ବକାଳ ଏବଂ ସ୍ଥାନରେ ତଥା ସର୍ବତ୍ର ସେହି ପରମ ସତ୍ତା ଦୃଷ୍ଟିଗୋଚର ହୋଇଥାନ୍ତି । ଏହି ଅନୁଭବ, ଚେତନ ବିଜ୍ଞାନ ଦ୍ୱାରା ପ୍ରାପ୍ତ ହୋଇଥାଏ । ବାଚକ ଜ୍ଞାନରୁ ନୁହେଁ ।

**ଚେତନ ଜାତୀୟ ଜୀୱ ସବ,**
**ସବକୋ ଏକ ସମାନ ।**
**ଗାୟ ଶ୍ୱାନ ନର ଦେୱ କୋ,**
**ସମଦର୍ଶିତ ଜଗମାନ ॥୦୭॥**

ଭାଷ୍ୟ - ଚେତନ ଜାତିର ସମସ୍ତ ଜୀବ ସମାନ ଅଟନ୍ତି । ଗାଈ, କୁକୁର, ମନୁଷ୍ୟ ଏବଂ ଦେବତା - ସମସ୍ତଙ୍କର ଆତ୍ମା ଏକ ଏବଂ ଅଭିନ୍ନ । ସମଦର୍ଶୀ ଆତ୍ମାରେ ଏ ସମସ୍ତ ପ୍ରାଣୀମାନଙ୍କ ଠାରେ ଏକ ପ୍ରକାର ଚେତନ ଆତ୍ମା ଦେଖିବାକୁ ମିଳେ । ଚେତନ ଜାତି ଆତ୍ମା ଏକ ଅଟେ, ମାତ୍ର କର୍ମ, ଗୁଣ ଏବଂ ସ୍ୱଭାବ ଭେଦରେ ବିଭିନ୍ନ ଶରୀରରେ ଭିନ୍ନ ଭିନ୍ନ ହୋଇଥାନ୍ତି ।

**ସବ ମେଁ ଦେଖେଁ ଆତମା,**
**ଆତମ ପେଖେଁ ପୀୱ ।**
**ପୀୱ ଜୀୱ ମେଁ ମିଲି ରହା, ଦୂଧ**
**ମଧ୍ୟ ଜିମି ଘୀୱ ॥୦୮॥**

ଭାଷ୍ୟ - ସମସ୍ତ ଶରୀରଧାରୀମାନଙ୍କ ଠାରେ କେବଳ ଗୋଟିଏ ଆତ୍ମାକୁ ଦେଖନ୍ତି ଏବଂ ସେହି ଆତ୍ମାମାନଙ୍କରେ ଏକ ପ୍ରଭୁ ଅର୍ଥାତ୍ ପରମପ୍ରଭୁଙ୍କୁ ଦେଖିଥାନ୍ତି । ଜୀବ ସହିତ ପ୍ରଭୁ ଏପରି ମିଳିତ ହୋଇଥାନ୍ତି, ଯେଉଁ ପ୍ରକାର ଦୁଗ୍ଧରେ ଘିଅ ମିଶି ରହିଥାଏ । ଆତ୍ମା ଭିତରେ ସର୍ବାନ୍ତର୍ଯାମୀ ପରମ ପୁରୁଷ ବ୍ୟାପକ ଥାଆନ୍ତି ।

**ଚେତନ ସମଦୃଷ୍ଟୀ ଭଈ, ଦୟା**
**କିୟେ ଗୁରୁ ଦେୱ ।**
**ଜଗ ଅଁଧିୟାରା ମିଟ ଗୟା, ଜହଁ**
**ଦେଖେ ତହଁ ଦେୱ ॥୦୯॥**

ଭାଷ୍ୟ - ଗୁରୁଦେବଙ୍କ ଦୟାରୁ ଚେତନ ଦୃଷ୍ଟି ପ୍ରାପ୍ତ ହେଲା ଆଉ ସଂସାରର ଦୁଃଖ ଅନ୍ଧକାର ଦୂର ହୋଇଗଲା । ଏବେ ଯୁଆଡ଼େ ଚାହିଁଲେ ସେଆଡ଼େ ପରମ ପ୍ରଭୁ ଅନୁଭବ ଏବଂ ଦୃଷ୍ଟିଗୋଚର ହେଉଛନ୍ତି ।

**ଜୀୱନ ମୁକ୍ତ ୱିମୁକ୍ତ ହୈ, ଜଲ**
**ତୂମ୍ବା ଇୱ ବାସ ।**
**ଗଙ୍ଗା ଜଲ ମେଁ କୂକୁହୀ, ଜଗ**
**ନିର୍ଲେପ ସମାସ ॥୧୦॥**

ଭାଷ୍ୟ - ଜୀବନ୍ମୁକ୍ତ ଯୋଗୀ ଜଳରେ ତୁମ୍ବା ପରି ଏହି ସଂସାରରେ ବାସ କରି ବିମୁକ୍ତ ରହିଥାଏ । ଯେଉଁ ପ୍ରକାର ଗଙ୍ଗାଜଳରେ ପାଣିକୋଇଲି ପକ୍ଷୀ ବୁଡ଼ି ରହିଥିଲେ ସୁଦ୍ଧା ଅସଙ୍ଗ ହୋଇ ଉଡ଼ିଯାଏ, ସେହି ପ୍ରକାର ଯୋଗୀ ସଂସାରରେ ନିଜର ସୂକ୍ଷ୍ମ ତତ୍ତ୍ୱଜ୍ଞାନରୁ ମୁକ୍ତହୋଇ ଏକାନ୍ତ ବାସ କରିଥାଏ ଏବଂ ପରମାନନ୍ଦଙ୍କ ଚରଣରେ ନିମଗ୍ନ ରହିଥାଏ ।

**ଉତ୍ତମ ଜୀୱନ ଜଗତ ମେଁ, ଧନି**
**ଅଧ୍ୟାତ୍ମ ୱିଚାର ।**
**ଜଗ ମେଁ ରହି ନହିଁ ରହତ ହୈ,**
**ଫିର ସଂସାର ପ୍ରଚାର ॥୧୧॥**

ଭାଷ୍ୟ - ଜଗତରେ ଉତ୍ତମ ଆଧ୍ୟାତ୍ମିକ ଜୀବନ ଧନ୍ୟ ଅଟେ । ଏଭଳି ବ୍ୟକ୍ତି ଜଗତରେ ରହି ସୁଦ୍ଧା ରହି ନ ଥାନ୍ତି, ପୁଣି ସଂସାରରେ ଆଧ୍ୟାତ୍ମ ବିଦ୍ୟାର ପ୍ରଚାର କରିଥାନ୍ତି ।

# ଦହି ଖାଇବା ଉପକାରୀ

ଖାଦ୍ୟ ବିଶେଷଜ୍ଞଙ୍କ ମତରେ ନିୟମିତ ଦହି ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ହିତକାରୀ । ଏହା ପେଟ ଥଣ୍ଡା ରଖିବା ସହ ଖାଦ୍ୟ ଶୀଘ୍ର ହଜମ କରାଇଥାଏ ।

ଦହିରେ ପ୍ରୋଟିନ୍, କ୍ୟାଲସିୟମ୍, ଭିଟାମିନ୍, ଲାକ୍ଟୋଜ୍, ଲୌହ, ଫସଫରସ ତତ୍ତ୍ୱଗୁଡିକ ଭରପୂର ଥିବାରୁ ତାହା ଶରୀରକୁ ଶକ୍ତି ଯୋଗାଇଥାଏ । ଦ୍ୱିପହର ଭୋଜନରେ ଦହି ଖାଉଥିବା ଲୋକଙ୍କ ମସ୍ତିଷ୍କ ଶାନ୍ତ ରହେ ଓ ଭଲ ନିଦ ହେଉଥିବାର ପରୀକ୍ଷାରୁ ଜଣାପଡିଛି । ଦହିରେ ମହଜୁଦ୍ ଥିବା ବିଭିନ୍ନ ପ୍ରକାର ପୋଷକତତ୍ତ୍ୱ ହାଡ଼ ମଜଭୁତ୍ ରଖିବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦୂର କରେ । ନିୟମିତ



ଭାବରେ ଏହାକୁ ଖାଉଥିବା ଲୋକଙ୍କୁ ସଂକ୍ରାମକ ରୋଗ ସହଜରେ ଆକ୍ରମଣ କରି ପାରି ନ ଥାଏ ବୋଲି ବିଶେଷଜ୍ଞଙ୍କ ମତ । ଗରମଦିନେ ଏହା ଏକ ସର୍ବୋତ୍ତମ ପାନୀୟ । ଦହି ଗରମରେ ପିଇଲେ ଶରୀରକୁ ଶୀତଳତା ପ୍ରଦାନ କରେ ।

# ମହୁର ଚମତ୍କାରୀତା



୧ ଚାମଚ ମହୁରେ ଅଧ ଚାମଚ ପାଣିମିଶାଇ କେଶରେ ଲଗାନ୍ତୁ । ୧୫ ମିନିଟ୍ ପରେ କେଶ ଶ୍ୟାମ୍ପୁ କଲେ କେଶ କୋମଳ ହେବା ସହ ଚମକପ୍ରଦ ହୁଏ । ମହୁ, ପାଣି ଓ ଭିନେଗାରକୁ ସମାନ ଭାବରେ ମିଶାଇ ସ୍ପ୍ରେ ପରି ଗଛରେ ପକାନ୍ତୁ । ଏହା ଏକ କୀଟନାଶକ ଭଳି କାମ କରେ । ବ୍ରଣକୁ ତୁରନ୍ତ ଦବାଇବାକୁ ଚାହୁଁଥିଲେ ଆଙ୍ଗୁଠି ଟିପରେ ମହୁ ନେଇ ବ୍ରଣ ସ୍ଥାନରେ ଲଗାନ୍ତୁ । ଦେଖିବେ ବ୍ରଣ ଦବିଯିବ ।

ନିଦ୍ରାହୀନତା ରୋଗୀ ଅଧ ଚାମଚ ମହୁରେ ସାମାନ୍ୟ ଲୁଣ ମିଶାଇ ଖାଇଲେ ଭଲ ନିଦ ହୋଇଥାଏ । ଶରୀରର କୌଣସି ଜାଗା କଟିଗଲେ, ତୁରନ୍ତ ମହୁ ଲଗାଇଲେ ତାହା ଆଣ୍ଟିସେପଟିକ୍ ଭାବେ କାମ କରେ ।

## ଟିକିଏ ହସନ୍ତୁ

ଶିକ୍ଷକ : କହିଲୁ ବବ୍‌ଲୁ ୪ ରେ ୪ ମିଶିଲେ କେତେ ?
ବବ୍‌ଲୁ : ୧୦ ହେବ ସାର୍ ।
ଶିକ୍ଷକ : ମୂର୍ଖ ୪ ରେ ୪ ମିଶିଲେ ୮ ବୋଲି ଜାଣିନୁ ।
ବବ୍‌ଲୁ : ଜାଣିଛି ସାର୍, ହେଲେ ବାପା କହୁଥିଲେ ଆମ ପରିବାର ଆଗରୁ ଜମିଦାର ଥିଲେ । ଯିଏ ଯାହା ମାଗନ୍ତି, ସେଥିରେ ୨ ଟି ଅଧିକ ଦିଅନ୍ତି । ସେଇଥିପାଇଁ ମୁଁ ଏ ପରମ୍ପରା ଆରମ୍ଭ କରୁଛି ପରା ।

× × × × ×

ଆୟୁଷ : ଯଦି କେବେ ମୋର ମସ୍ତିଷ୍କ ବଦଳାଇବାକୁ ଇଚ୍ଛା ହୁଏ ତେବେ ମୁଁ ତୁମ ମସ୍ତିଷ୍କ ବ୍ୟବହାର କରିବି ।
ଆୟାନ : ତା ହେଲେ ତୁମେ ମାନୁଛ ଯେ, ମୋର ଜିନିୟସ୍ ମସ୍ତିଷ୍କ ବୋଲି ।
ଆୟୁଷ : ନାଁ, ମୁଁ ଏହିପରି ଏକ ନୂଆ ମସ୍ତିଷ୍କ ଚାହୁଁଛି ଯାହା ପୂର୍ବରୁ କେବେ କୌଣସି ଜିନିଷରେ ଉପଯୋଗ ହୋଇ ନ ଥିଲା ।

× × × ×



ପ୍ରଥମ ପାଗଳ ଦ୍ୱିତୀୟ ପାଗଳକୁ : ଏତେ ବଡ଼ ଏରୋପ୍ଲେନକୁ ଲୋକମାନେ କେମିତି ପେଣ୍ଟ କରନ୍ତି ?
ଦ୍ୱିତୀୟ ପାଗଳ : ଏରୋପ୍ଲେନ ଯେତେବେଳେ ବହୁତ ଉପରେ ଉଡେ ତାହା ଛୋଟ ହୋଇଯାଏ । ଆଉ ସେତିକିବେଳେ କଲର ସ୍ପ୍ରେ କରିଦେଲେ ଏରୋପ୍ଲେନ ଆରାମରେ ପେଣ୍ଟ ହେଇଯାଏ ।

× × × ×

ଡାକ୍ତରଙ୍କ ପାଖକୁ ଯାଇ ରାଧୁଆ : ଆଜ୍ଞା ବହୁତ କଷ୍ଟ ପାଉଛି ।
ଡାକ୍ତର : କ'ଣ ହେଇଛି ତୁମର ?
ରାଧୁଆ : ସଫରିଂ ଫ୍ରମ ଅନଲିମିଟେଡ୍ ଆଉଟ୍ ଗୋଇଠ ଉଇଥ୍ ଡିଫରେଣ୍ଟ ଡିଫରେଣ୍ଟ ରିଙ୍ଗଟୋନ୍ ।
ଡାକ୍ତର : ବୁଝି ପାରିଲେନି କ'ଣ କହୁଛ ?
ରାଧୁଆ : ଏତିକି ବୁଝି ପାରିଲେନି । ମୋର ଲୁଜ୍ ମୋସନ୍ ହୋଇଛି ।

× × × ×

ରମେଶ ଜଣେ ବାବାଙ୍କ ପାଖକୁ ଯାଇ : ମୋର ବାହାଘର ହେଇପାରୁନି କ'ଣ କରିବି ?
କେବେ ହେବ କହିପାରିବେ ?
ବାବା : ଯେମିତି ପାପର କଳସ ପୂର୍ଣ୍ଣ ହେଲେ ମଣିଷର ମୃତ୍ୟୁ ହୁଏ । ସେହିଭଳି ଯେବେ ତୁମ ଖୁସିର କଳସ ସଂପୂର୍ଣ୍ଣହୋଇଯିବ ତୁମର ବିବାହ ନିଶ୍ଚୟ ହୋଇଯିବ ।

# ଏକ ଅତ୍ୟନ୍ତ ଲାଭଦାୟୀ ସାଧନ 'ତୃତୀୟ ନେତ୍ର'

ମାନବ ଶରୀରର ପ୍ରତ୍ୟେକଟି ଅଙ୍ଗର ନିଜସ୍ୱ ମହତ୍ତ୍ୱ ରହିଛି । ଶାରୀରିକ କ୍ରିୟାକଳାପରେ ଏସବୁର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ ଓ କିନ୍ତୁ ଏସବୁ ମଧ୍ୟରେ ମସ୍ତିଷ୍କର ସ୍ଥାନ ଅନନ୍ୟ । ଏହା କେବଳ ସୁସଂଗତ ଓ ସୁବ୍ୟବସ୍ଥିତ ନୁହେଁ ବରଂ ମୂର୍ଦ୍ଧନ୍ୟ ମଧ । ସମସ୍ତ ଶାରୀରିକ, ମାନସିକ ତଥା ବୌଦ୍ଧିକ ଗତିବିଧିର ଏହା କେନ୍ଦ୍ରୀୟ ସଂଚାଳକ ଓ ନିୟନ୍ତ୍ରକ । ଏହାହେଉଛି ବିଚାର, ସ୍ମୃତି ତଥା ପ୍ରେରଣାଶକ୍ତିର ଭଣ୍ଡାର । ଏଠାରେ ରହିଛି ଏକ କେନ୍ଦ୍ର, ଯେଉଁଠି ବିଦ୍ୟମାନ ରହିଛି ରହସ୍ୟମୟ ଶକ୍ତି । ଏହାକୁ ଆଜ୍ଞାଚକ୍ର କୁହାଯାଏ । ଏହା ଆମର ତୃତୀୟ ନେତ୍ର । ଦୁଇ ଭୂଲତା ମଧ୍ୟସ୍ଥ କୋଷ ସମୂହକୁ ଯୋଗବିଜ୍ଞାନରେ ଆଜ୍ଞାଚକ୍ର କୁହାଯାଏ । ଦିବ୍ୟଦୃଷ୍ଟିର ଏହା ଏକ ମହତ୍ତ୍ୱପୂର୍ଣ୍ଣ ଯନ୍ତ୍ର ସମୂହ । ପ୍ରୋକ୍ତ ଶକ୍ତିସମୂହ ବ୍ୟତୀତ ଅଦୃଶ୍ୟକୁ ଦେଖିପାରିବା ତଥା ଅଶୁଣାକୁ ଶୁଣି ପାରିବାର କ୍ଷମତା ଆଜ୍ଞାଚକ୍ରରେ ରହିଛି । କେତେକ ଲୋକେ କହନ୍ତି- ବେଦ ତଥା ଉପନିଷଦରେ ଆଜ୍ଞାଚକ୍ରକୁ ଷଷ୍ଠ ଇନ୍ଦ୍ରିୟ ମଧ କୁହାଯାଇଛି, ଅର୍ଥାତ୍ ଏହାକୁ ଅତୀନ୍ଦ୍ରିୟ କ୍ଷମତାର ସମୁଚ୍ଚୟ କୁହାଯାଇଛି । ଜାଗ୍ରତ ଅବସ୍ଥାରେ ଏହାଦ୍ୱାରା ଦୂରସ୍ଥ ଘଟଣାମାନ ଦେଖିହୁଏ ତଥା ଶୁଣିହୁଏ । ବିବିଧ ସ୍ଥୂଳ ଅବରୋଧକୁ ଭେଦକରି ନିର୍ଦ୍ଦିଷ୍ଟ ସ୍ଥାନରେ ପହଞ୍ଚିବାର ବିଲକ୍ଷଣ ସାମର୍ଥ୍ୟ ଏହାଠାରେ ରହିଛି । ଆଜ୍ଞାଚକ୍ରର ସୂକ୍ଷ୍ମ ବିଦ୍ୟୁତ୍— ଚୁମ୍ବକୀୟ ତରଙ୍ଗ ପରୋକ୍ଷ ଜଗତର ଦୃଶ୍ୟ ଦେଖାଇଥାଏ । ଏହାର ସାହଯ୍ୟରେ ଯେକୌଣସି ବ୍ୟକ୍ତିର ମନସ୍ଥିତି, ଭାବନା, କଳ୍ପନା, ଇଚ୍ଛା, ଆକାଂକ୍ଷା ବିଷୟରେ ସହଜରେ ଅନୁମାନ କରାଯାଇପାରେ । କେବଳ ନିଜର ନୁହେଁ, ଅନ୍ୟର ଅଭିରୁଚି ଏବଂ ପ୍ରକୃତି/ପ୍ରବୃତ୍ତିର ପରିବର୍ତ୍ତନ ମଧ ଏହାଦ୍ୱାରା କରାଯାଇପାରେ ।

ଆଜ୍ଞାଚକ୍ରର ସୂକ୍ଷ୍ମଗ୍ରାହୀ ସମ୍ବେଦନଶୀଳତା ବିଷୟରେ ଯୋଗଶାସ୍ତ୍ରରେ ବହୁପୂର୍ବରୁ ସମ୍ୟକ ଭାବରେ ପ୍ରତିପାଦିତ ହୋଇସାରିଛି । ବର୍ତ୍ତମାନ ମନୋବିଜ୍ଞାନ ମଧ ଏହାର ଦିବ୍ୟଦର୍ଶନ, ଦିବ୍ୟଶ୍ରବଣ, ଦୂରଦର୍ଶନ, ଦୂରଶ୍ରବଣ, ଭୂତ-ଭବିଷ୍ୟତ ଜ୍ଞାନ, ପୂର୍ବାଭାଷ, ପୂର୍ବାନୁଭୂତି, ବିଚାର ପ୍ରେଷଣ କ୍ଷମତା ସମ୍ପର୍କରେ ଅନେକ ତଥ୍ୟ ଉଦ୍‌ଘାଟିତ ଓ ପ୍ରତିପାଦିତ କରିବାରେ ଲାଗିଛି । ଏହାର ମତ ହେଲା – ଏହି କେନ୍ଦ୍ରରୁ ନିଃସୃତ ସୂକ୍ଷ୍ମ ପ୍ରାଣବାନ ଭାବ-ତରଙ୍ଗଦ୍ୱାରା ଅଲୌକିକ କାର୍ଯ୍ୟ ସମ୍ପାଦନ କରାଯାଇ ପାରେ ।

ଯୋଗୀମାନଙ୍କ ମତାନୁସାରେ ତୃତୀୟ ନେତ୍ରର ଜାଗରଣଦ୍ୱାରା ଆତ୍ମସାକ୍ଷାତ୍କାର, ଈଶ୍ୱରାନୁଭୂତି, ଦିବ୍ୟାନୁଦାନର ଆଦାନ ପ୍ରଦାନଭଳି ମହାନ ପ୍ରୟୋଜନ ପୂର୍ଣ୍ଣ ହୋଇପାରେ । ସାଧାରଣ ପ୍ରତୀତ ହେଉଥିବା ବ୍ୟକ୍ତି ମଧ ଏହି କେନ୍ଦ୍ରର ଜାଗରଣ କରି ପରମ ତତ୍ତ୍ୱରେ, ଅର୍ଥାତ୍ ପରମସତ୍ତାଙ୍କ ସହିତ ଏକାକାର ହୋଇପାରିବ । ତା'ର ବ୍ୟକ୍ତି ଚେତନାକୁ ପରମ ଚେତନା ସହିତ, ବିଶ୍ୱ ବ୍ରହ୍ମାଣ୍ଡୀୟ ଚେତନା ସହିତ ଯୋଡ଼ି ଏକାକାର କରିପାରିବ । ସ୍ଥୂଳ ଦୃଷ୍ଟିରେ ଯେଉଁପରି ଏହି କେନ୍ଦ୍ରର ଜାଗରଣ ଫଳରେ ବ୍ୟକ୍ତି ଅତୀନ୍ଦ୍ରିୟ କ୍ଷମତାର, ସାମର୍ଥ୍ୟର ବିକାଶ କରିପାରେ, ସେହିପରି ସୂକ୍ଷ୍ମ ଦୃଷ୍ଟିରେ ବିଶ୍ୱବ୍ରହ୍ମାଣ୍ଡର ରହସ୍ୟକୁ ମଧ ଜାଣିପାରେ ।

ତୃତୀୟ ନେତ୍ର ବା ଆଜ୍ଞାଚକ୍ର ସାଧନାରେ ସଫଳ ହୋଇଥିବା ସାଧକ ବୌଦ୍ଧିକ କ୍ଷେତ୍ରରେ ଅମାପ ଜ୍ଞାନ ସଞ୍ଚୟ କରିପାରେ ତଥା ବୈଚାରିକ କ୍ଷେତ୍ରରେ ବିଶ୍ୱବ୍ୟାପୀ ପ୍ରେରଣାର ଉତ୍ସ ହୋଇପାରେ । ସେ ଚାହିଁଲେ ମାନବର ବିଚାର ଓ ଚିନ୍ତନ କ୍ଷେତ୍ରରେ ଇପ୍ସିତ ପରିବର୍ତ୍ତନ ଆଣିପାରିବ ଏବଂ ସେହି କ୍ରମରେ ମାନବକୁ ଦୈବୀ ଚେତନାର ଆଗାର କରିପାରିବ, ମାନବ ଭିତରେ ଦେବତ୍ୱର ଅବତରଣ କରାଇପାରିବ ।

ମାନବର ପରିପାର୍ଶ୍ୱରେ ସ୍ୱର୍ଗୀୟ ପରିବେଶ ସୃଷ୍ଟି ବା ସଞ୍ଚାର କରିପାରିବ । ଆଜ୍ଞାଚକ୍ର ବା ତୃତୀୟ ନେତ୍ର ବିଷୟରେ ଯେତିକି କୁହାଯାଏ, ସେତିକି କମ୍ । ସାଧନା ଶାସ୍ତ୍ରରେ ଏହାର ବହୁତ ମହତ୍ତ୍ୱ କୁହାଯାଇଛି । ଲୋକେ ଏ ବିଷୟରେ ଅନଭିଜ୍ଞ ରହିଥିବାରୁ ଏବଂ ଆଜିର ସମୟରେ ବିଶେଷରୂପେ ଅଧ୍ୟୟନପ୍ରତି ରୁଚି କମିଯିବାରୁ ଲୋକେ ଏହା ବିଷୟରେ ଜାଣିପାରୁନାହାନ୍ତି । କିନ୍ତୁ ଏହା ଏକ ଅମୋଘ ଲାଭଦାୟୀ ସାଧନ ।

## ଭେଣ୍ଡିର ଉପକାରିତା

**ଭେଣ୍ଡି** ଏକ ବାରମାସୀ ପରିବା ହୋଇଥିଲେ ହେଁ, ବର୍ଷା ଦିନିଆ ଭେଣ୍ଡି ଖାଇବାକୁ ଖୁବ୍ ସ୍ୱାଦିଷ୍ଟ । ଭେଣ୍ଡିରେ ପ୍ରସ୍ତୁତ ବ୍ୟଞ୍ଜନ ଖାଇବାକୁ ଯେତିକି ସ୍ୱାଦିଷ୍ଟ ଲାଗିଥାଏ ଏହା ସ୍ୱାସ୍ଥ୍ୟ ପାଇଁ ମଧ ରାମବାଣ ପରି କାମ କରିଥାଏ ।

ଭେଣ୍ଡିରେ ୭ ଗ୍ରାମ ସୋଡିୟମ୍, ୨୯୯ ଏମଜି ପୋଟାସିୟମ୍, ୭ ଗ୍ରାମ କାର୍ବୋହାଇଡ୍ରେଟ୍, ୩୨ ଜି. ଡାଇଟରୀ ଫାଇବର, ୧.୫ ଗ୍ରାମ ସୁଗାର, ୧.୯ ଗ୍ରାମ ପ୍ରୋଟିନ୍, ୧୪% ଭିଟାମିନ୍ ଏ', ୩୮% ଭିଟାମନ୍ ସି, ୮% କ୍ୟାଲସିୟମ୍, ୩% ଆଇରନ, ୧୦% ଭିଟାମିନ୍ ବି-୬ ଓ ୧୪% ମ୍ୟାଗ୍ନେସିୟମ ରହିଥାଏ ।

ଭେଣ୍ଡିକୁ ଭଲ ଭାବରେ ଖଣ୍ଡ ଖଣ୍ଡ କରି କାଟି ଏକ ଗ୍ଲାସ ପାଣିରେ ସାରା ରାତି ଭିଜାଇ ଦିଅନ୍ତୁ । ପର ଦିନ ସକାଳୁ ଏହି ପାଣି ପିଅନ୍ତୁ । ଏହି ପାଣି ଇନସୁଲିନ୍ ପରି କାମ କରିଥାଏ ଓ ବ୍ଲଡ ସୁଗାରକୁ ନିୟନ୍ତ୍ରଣ କରିଥାଏ । ଭେଣ୍ଡିକୁ ଗରମ କରି ଏଥିରେ ଲୁଣ ଓ ଲେମ୍ବୁ ପକାଇ ସ୍ନାକ୍ସ ପରି ଖାଆନ୍ତୁ । ଏହାକୁ ରାନ୍ଧିବା ବେଳେ ଅଧିକ ତେଲ ଓ ମସଲାକୁ ପ୍ରୟୋଗ ଆଦୌ କରନ୍ତୁନି ।

ଭେଣ୍ଡିରେ ଖୁବ୍ ଆଣ୍ଟି ଅକ୍ସିଡାଣ୍ଟ ଭରି ରହିଛି ଯାହାକି ଶରୀରକୁ ଫ୍ରି ରେଡିକଲ୍ସ ଅଭାବରୁ ରକ୍ଷା କରିଥାଏ । ଏହା ବ୍ୟତୀତ ଏହା ଶରୀରରେ କ୍ୟାନସର ସେଲ୍ସର ବିକାଶର ଗତିକୁ ଧୀମା କରିଥାଏ, ଯାହାଦ୍ୱାରା କ୍ୟାନସରର ଭୟ ଖୁବ୍ କମ୍ କରି ଦେଇଥାଏ ।

୧ ଡାଟିଆ ଭେଣ୍ଡିରେ କେବଳ ୩୩ କ୍ୟାଲୋରି ରହିଥିବା କାରଣରୁ ଏହା ଓଜନ ବୃଦ୍ଧିକୁ କଣ୍ଟ୍ରୋଲ କରିଥାଏ । ଏହା ବ୍ୟତୀତ ଭେଣ୍ଡି ପାଣିକୁ ପିଇବା ଦ୍ୱାରା ଆପଣଙ୍କ ଓଜନ କମ୍ ହୋଇ ଯାଇଥାଏ । ଏହା ମେଟାବଲିଜମ୍ ଓ ପାଚନ କ୍ରିୟାକୁ ସଠିକ୍ ରଖିଥାଏ ।



ଭେଣ୍ଡିରେ ଲୋ ଗ୍ଲାଇସେମିକ୍ ଇଣ୍ଡେକ୍ସ ରହିଥାଏ, ଯାହା ସୁଗାର ଲେବଲକୁ କଣ୍ଟ୍ରୋଲ କରିବାରେ ସହାୟକ ହୋଇଥାଏ । ଏଥି ସହିତ ଘୋଲନଶୀଳ ଫାଇବର ରହିଥାଏ, ଯାହାକି ଗ୍ଲୁକୋଜକୁ ସୁଖାଇ ବ୍ଲଡ ସୁଗାର ଲେବଲକୁ ନିୟନ୍ତ୍ରଣରେ ରଖିଥାଏ ।

ଏଥିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ରହିଥାଏ, ଯାହାକି ପାଚନ ତନ୍ତ୍ରକୁ ସୁସ୍ଥ ରଖିଥାଏ । ଏଥିରେ ଆପଣଙ୍କ ପେଟ ଫୁଲିବା, ପେଟ ମୋଡି ହେବା, କୋଷ୍ଠକାଠିନ୍ୟ, ଏସିଡିଟି, ଡାଇରିଆ ଆଦିରୁ ରକ୍ଷା ମିଳିଥାଏ ।

ବ୍ଲଡ ପ୍ରେସର ନିୟନ୍ତ୍ରଣ: ଭେଣ୍ଡିରେ ପୋଟାସିୟମର ଭରପୁର ମାତ୍ରା ରହିଥାଏ । ଯାହା ଶରୀରରେ ଫ୍ଲୁଇଡର ସ୍ତରକୁ ବାଲାନ୍ସ ରଖିଥାଏ । ଏଥି ସହିତ ରକ୍ତଚାପକୁ ମଧ କଣ୍ଟ୍ରୋଲ କରିବାରେ ସହାୟକ ହୋଇଥାଏ । ଏହା ହୃଦକ୍ରିୟାକୁ ମଧ ସଠିକ୍ ରଖିଥାଏ । ପ୍ରତିଦିନ ଏହାର ପାଣି ପିଇବା,ଖାଇବା ଦ୍ୱାରା ହୃଦରୋଗର ଭୟ ଖୁବ୍ କମିଯାଇଥାଏ । ଏହା ବ୍ୟତୀତ ପ୍ରତିଦିନ ଏହାର ପାଣି ସେବନ କରିବାରେ ହାର୍ଟ ଆଟାକ୍ ଓ ଷ୍ଟ୍ରୋକର ଭୟରୁ ରକ୍ଷା ମିଳିଥାଏ ।

## ଆପଣ ଜାଣନ୍ତି କି ?

- ନାମୀ ରାଷ୍ଟ୍ରମାନଙ୍କରେ ଲୋକେ ଲକ୍ଷାଧିକ ଟଙ୍କା ଖାଦ୍ୟପେୟ ବାବଦକୁ ଖର୍ଚ୍ଚ କରୁଥିବା ବେଳେ କିଛି ଲୋକ ବିଭିନ୍ନ ପ୍ରକାର ଅଜବ ଖାଦ୍ୟ ଖାଇବାର ମଧ ସଉକ୍ ରଖିଥାନ୍ତି । ଇଟାଲୀର ସର୍ଡିନିୟାରେ ଛେଳି କ୍ଷୀରରୁ ଲହୁଣି ପ୍ରସ୍ତୁତ କରାଯାଏ । ସାଧାରଣ ଦେଖାଯାଉଥିବା ଏହି ଲହୁଣିକୁ ସଢ଼ି ପୋକ ଲାଗିବା ପର୍ଯ୍ୟନ୍ତ ଏକ ସ୍ଥାନରେ ରଖାହୁଏ । ଖୁବ୍ ଦୁର୍ଗନ୍ଧ ବାହାରୁଥିବା ସତ୍ତ୍ୱେ ଅନେକ ଲୋକ ଏହି ଲହୁଣୀକୁ ଖାଇଥାନ୍ତି ।
- ମେକ୍ସିକୋରେ ଏକ ପ୍ରକାର ବଡ଼ ଆକାରର ପିମ୍ପୁଡି ଦେଖାଯାନ୍ତି । ଏମାନେ ଦେଉଥିବା ଅଣ୍ଡାକୁ ସଂଗ୍ରହ କରି ବିଭିନ୍ନ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ । ଜିୟୋମେଟପମ୍ ନାମକ ଏହି ପିମ୍ପୁଡି ଅତ୍ୟନ୍ତ ବିଷାକ୍ତ । ଏହା ସତ୍ତ୍ୱେ ଚିଜ୍ ସହ ଏହି ଅଣ୍ଡାକୁ ମିଶାଇ ସେଠା ଲୋକେ ଖାଇଥାନ୍ତି । ନୂଆ ବର୍ଷରେ ମେକ୍ସିକୋରେ ଏହା ଏକ ମୁଖ୍ୟ ଖାଦ୍ୟ ।
- କୋରିଆ ଓ ଚୀନରେ ମୂଷା ଛୁଆଙ୍କୁ ବ୍ୟବହାର କରି ମଦ୍ୟ ପ୍ରସ୍ତୁତ କରାଯାଏ । ମୂଷା ଛୁଆ ଜନ୍ମ ହେବା ମାତ୍ରେ ସେମାନଙ୍କ ଆଖି ଫିଟିବା ପୂର୍ବରୁ ଲୋକେ ଏହି ଛୁଆଙ୍କୁ ମଦ ବୋତଲରେ ଜୀବିତ ଅବସ୍ଥାରେ ପକାଇଥାନ୍ତି । ୧ ବର୍ଷ ପରେ ସେହି ମଦକୁ ପିଆଯାଏ ।
- ସ୍କଟଲାଣ୍ଡରେ ମୃତ ବିଲୁଆର ହୃତପିଣ୍ଡ, ଯକୃତରେ ବିଭିନ୍ନ ପ୍ରକାର ମସଲା ଭର୍ତ୍ତି କରି ପୁଣି ତା' ଶରୀରରେ ରଖି ୩ ଘଣ୍ଟା ପର୍ଯ୍ୟନ୍ତ ନିଆଁରେ ସେକାଯାଏ । ଏହାର ନାମ 'ହେଗିସ୍' । ଆଳୁର ଏକ ବ୍ୟଞ୍ଜନ ସହ ସେଠା ଲୋକେ ଏହି ଖାଦ୍ୟ ହେଗିସ୍‌କୁ ଖାଇଥାନ୍ତି । ୧୭୮୭ ପରେ ସ୍କଟଲାଣ୍ଡରେ ଏହାକୁ ସ୍ଥାନୀୟ ବ୍ୟଞ୍ଜନ ଭାବରେ ଘୋଷଣା କରାଯାଇଛି ।

## ବହୁ ଗୁଣରେ ଭରପୁର ମେଥି ଶାଗ

**ସ୍ୱାଦ**ରେ ଅଳ୍ପ କଡ଼ା ଲାଗୁଥିବା ମେଥି ଶାଗରେ ବହୁ ପୋଷଣ ତତ୍ତ୍ୱ ଭରି ରହିଛି । ବହୁ ରୋଗ ସମାଧାନ ନିମନ୍ତେ ମେଥି ଶାଗକୁ ଖାଇବା ପାଇଁ ପ୍ରାଚୀନ କାଳର କବିରାଜ ପରାମର୍ଶ ଦେଇଥାନ୍ତି । ଏହିପରିକି ମେଥି ଶାଗକୁ ଚେରମୂଳ ଔଷଧରେ ମଧ ବ୍ୟବହାର କରାଯାଏ । ଏହି ଶାଗକୁ ପ୍ରତ୍ୟେକ ଦିନ ଖାଇଲେ ଶରୀରର ତାପ ବଢ଼ିଥାଏ । ଅତ୍ୟଧିକ ଥଣ୍ଡା ସମସ୍ୟା ଦେଖାଯାଉଥିବା ବ୍ୟକ୍ତି କିମ୍ବା ଏସିନୋଫେଲିଆ ରୋଗୀ ଏହି ଶାଗକୁ ସେବନ କଲେ ଉପଶମ ମିଳେ । ମେଥି ଶାଗରେ ତମ୍ବା, ପୋଟାସିୟମ, କ୍ୟାଲସିୟମ, ଲୌହ, ସେଲେନିୟମ, ଦସ୍ତା ମାଙ୍ଗାନିଜ ଓ ମ୍ୟାଗ୍ନେସିୟମ ଭଳି ଖଣିଜ ତତ୍ତ୍ୱରେ ଭରପୂର ହୋଇ ରହିଥାଏ । ଏହାଛଡ଼ା ଏଥିରେ ଭିଟାମିନ୍ ଭରି ରହିଥାଏ । ପେଟ ସମସ୍ୟା ଦେଖା ଯାଉଥିବା ବ୍ୟକ୍ତିଙ୍କ ପାଇଁ ମେଥି ଶାଗ ଏକ ବରଦାନ । ଏହା ପାଚନ ସମସ୍ୟା ଦୂର କରେ । ମେଥି ଚା'କୁ ପ୍ରତ୍ୟେକ ଦିନ ସେବନ କଲେ ପେଟ ଯନ୍ତ୍ରଣାରୁ ମୁକ୍ତି ମିଳେ । ଶରୀରରେ ଦରଜ କିମ୍ବା ଗଣ୍ଠି ଦରଜ ଦେଖାଗଲେ ମେଥି ଶାଗକୁ ସେବନ କଲେ ଏହି ସମସ୍ୟାରୁ ମୁକ୍ତି ମିଳେ । ମେଥିରେ କ୍ୟାଲସିୟମ୍, ଆଇରନ ଓ ଫସଫରସ ରହିଥାଏ । ଯାହା ଗଣ୍ଠି ସମସ୍ୟା ଦୂର କରେ ।



ମେଥି ଶରୀରରେ କୋଲେଷ୍ଟ୍ରୋଲ ସ୍ତରକୁ କମ୍ କରେ । ଏଥିରେ ଲିପ୍ରୋପ୍ରୋଟିନ୍ ଓ ଆମିନୋ ଏସିଡ୍ ରହିଥାଏ । ଆମିନୋ ଏସିଡ୍ ଶରୀରରେ ଇନସୁଲିନକୁ ଉତ୍ପନ୍ନ କରିବାରେ ସାହାଯ୍ୟ କରେ । ଏଣୁ ମଧୁମେହ ରୋଗୀ ଏହି ଶାଗକୁ ଖାଇବା ଉଚିତ । ହୃଦୟକୁ ସୁସ୍ଥ ରଖିବାରେ ମେଥିର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ଗାଲାକ୍ଟୋମାନାନ୍ ପୋଷଣ ଥିବା କାରଣରୁ ଏହା ହୃଦୟ ମାଂସପେଶୀକୁ ମଜବୁତ କରାଇଥାଏ । ମେଥିରେ ପୋଟାସିୟମ ଥିବା କାରଣରୁ ଶରୀରରେ ରକ୍ତ ସଂଚାଳନ ସନ୍ତୁଳନ ରହିଥାଏ । ମେଥି ଶାଗର ବାସ୍ନା ଏବଂ ସ୍ୱାଦ କାରଣରୁ ଏହାକୁ ଶୁଖାଇ ଖାଦ୍ୟରେ ବ୍ୟବହାର କରାଯାଏ । ପାଚନ ସମସ୍ୟା ଓ ଗ୍ୟାସ ସମସ୍ୟାକୁ ଦୂର କରିବା ପାଇଁ ପ୍ରାଚୀନ କାଳରେ ମେଥି ଚା' ସେବନ କରୁଥିଲେ ।

## ଦେହ ପାଇଁ ତେଜପତ୍ର

**ତେଜପତ୍ର**କୁ ବାଟି ଚର୍ମରେ ଲଗାଇଲେ ଚର୍ମରୋଗ ହୋଇ ନ ଥାଏ । ଥଣ୍ଡାଜନିତ ମୁଣ୍ଡବ୍ୟଥା ସମୟରେ ତେଜପତ୍ର ବାଟି ମଥାରେ ଲଗାଇଲେ ମୁଣ୍ଡବ୍ୟଥାରୁ ଉପଶମ ମିଳେ । କାଶ ହେଲେ ତେଜପତ୍ର ଓ ଅଳ୍ପ ମିଶ୍ରିକୁ ମିଶାଇ ପାଣିରେ ଫୁଟାଇ, ସେହି ପାଣିକୁ ଥଣ୍ଡା କରି ପିଇଲେ କାଶରୁ ରକ୍ଷା ମିଳେ । ମଧୁମେହ ରୋଗୀ ତେଜପତ୍ର ଫୁଟା ପାଣିକୁ ନିୟମିତ ପିଇଲେ ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ଭଲ ।



## ସ୍ୱାସ୍ଥ୍ୟ ପକ୍ଷେ ଗୁଡ଼

**ଆମେ** ସଭିଏଁ ଜାଣିଛନ୍ତି ଯେ, ଆମେ ଚିନି ଖାଇବା ଦ୍ୱାରା ମୋଟାପଣ ବଢ଼ିଥାଏ କିନ୍ତୁ, ଗୁଡ଼ ମୋଟାପା କମ୍ କରି ସ୍ୱାସ୍ଥ୍ୟ ଠିକ୍ ରଖିଥାଏ । ବୈଜ୍ଞାନିକଙ୍କ ଅନୁଯାୟୀ, ଗୁଡ଼ର ପୋଷଣ ଗୁଣବତ୍ତାର ବିଶେଷ ମହତ୍ୱ ରହିଛି । ୧୦୦ ଗ୍ରାମ ଗୁଡ଼ରେ ପ୍ରାୟ ୧୦.୪ ଗ୍ରାମ ପ୍ରୋଟିନ୍, ୦.୧ ଗ୍ରାମ ଚର୍ବି, ୮୦ ମିଲି ଗ୍ରାମ୍ କ୍ୟାଲସିୟମ୍, ୪୦ ମିଲିଗ୍ରାମ୍ ଫସଫରସ, ୧୧.୪ ମିଲିଗ୍ରାମ ଲୌହ, ୦.୬ ରୁ ୧ ଗ୍ରାମ ଖଣିଜ ପଦାର୍ଥ, ୧୬୮ ମିଲିଗ୍ରାମ ଭିଟାମିନ୍ ସି ଏବଂ ୩୮୩ କିଲୋ କ୍ୟାଲୋରୀ, ଶକ୍ତି ପ୍ରଦାନକାରୀ କାର୍ବୋହାଇଡ୍ରେଟ ରହିଥାଏ । ଚିନିରେ କାର୍ବୋହାଇଡ୍ରେଟ୍ ବ୍ୟତୀତ ଅନ୍ୟ ପୋଷକ ତତ୍ତ୍ୱ ଚିନି ପ୍ରସ୍ତୁତି ସମୟରେ ହଟାଇ ଦିଆଯାଏ । ଗୁଡ଼ ତିଆରି ସମୟରେ ରିଡ୍ୟୁସିଙ୍ଗ୍ ସୁଗାର ଏବଂ ଅନ୍ୟ ଖଣିଜର ମାତ୍ରା ବଢ଼ିଯାଏ, ଯେଉଁଥିରେ ଗୁଡ଼ ଅଧିକ ପୋଷକ ହୋଇଯାଏ । ତେଣୁ ଗାଁ ମାନଙ୍କରେ ଚିନି ପରିବର୍ତ୍ତେ ଗୁଡର ପ୍ରୟୋଗ ଅଧିକ ହୁଏ, ଏହାଦ୍ୱାରା ମଧୁମେହ ରୋଗ କମିଯାଏ ।



ଚିନିରେ ଗ୍ଲୁକୋଜର ମାତ୍ରାଅଧିକ ହେବା କାରଣରୁ ସ୍ୱାସ୍ଥ୍ୟ ଉପରେ ପ୍ରତିକୂଳ ପ୍ରଭାବ ପଡିଥାଏ, ଅନ୍ୟ ପକ୍ଷରେ ଗୁଡରେ ମହଜୁଦ କ୍ୟାଲସିୟମ, ମାଙ୍ଗାନିଜ୍ ଏବଂ ମାଗ୍ନେସିୟମ ପରି ତତ୍ତ୍ୱଗୁଡିକର ଉପସ୍ଥିତ ଔଷଧୀୟ ମହତ୍ତ୍ୱ ବଢ଼ାଇଥାଏ । ତେଣୁ ଗୁଡ଼ ଖାଇବା ସ୍ୱାସ୍ଥ୍ୟପ୍ରଦ । ଗୁଡ ଉତ୍ପାଦନ କ୍ଷେତ୍ରରେ ଅଷ୍ଟ୍ରେଲିଆ, କାନାଡା, ସଂଯୁକ୍ତ ଆରବ ଏମିରେଟ, ଘାନା, ହଙ୍ଗକଙ୍ଗ, ଜାପାନ, ଇଣ୍ଡୋନେସିଆ, ବ୍ରିଟେନ, ଆମେରିକା ଇତ୍ୟାଦି ଦେଶ ସାମିଲ ଅଛି । ସେହି ଦେଶଗୁଡିକ ଅପେକ୍ଷା ଭାରତର ଗୁଡ ଉତ୍ପାଦନ କ୍ଷେତ୍ରରେ ଅଷ୍ଟ୍ରେଲିଆ, କାନାଡା, ସଂଯୁକ୍ତ ଆରବ ଏମିରେଟ୍, ଘାନା, ହଙ୍ଗକଙ୍ଗ, ଜାପାନ ଇଣ୍ଡୋନେସିଆ, ବ୍ରିଟେନ, ଆମେରିକା ଇତ୍ୟାଦି ଦେଶ ସାମିଲ ଅଛି । ଏହି ଦେଶଗୁଡିକ ଅପେକ୍ଷା ଭାରତର ଗୁଡ ଅଧିକ ଲୋକପ୍ରିୟ । ଗୁଡ ପ୍ରସ୍ତୁତ ବେଳେ ସଂକ୍ରମଣ ରହିତ କରିବା ନିମନ୍ତେ ଯଥେଷ୍ଟ ପ୍ରୟାସ କରାଯାଏ । ନୂତନ ପ୍ରାଦ୍ୟୋଗିକ ପ୍ରକ୍ରିୟାରେ ଉତ୍ପାଦନ କରିବା ଦ୍ୱାରା ଚିରା କପଡ଼ା, ମଇଳା ରହି ନ ଥାଏ ଜୀବାଣୁ ସଂକ୍ରମଣ ମଧ ହୁଏ ନାହିଁ ଏବଂ ଏହାର ମୂଲ୍ୟ ଅଧିକ । ବର୍ତ୍ତମାନ ତରଳଗୁଡ ମଧ ତିଆରି ହୋଇ ବିକ୍ରି ଚାଲିଛି । ଗୁଡ଼ ସମଘନାକୃତି ମଧ ତିଆରି ହେଉଛି ।

## କହିପାରିବେ କି ?

(୧) ଭାରତରେ ହିନ୍ଦୀ ଦିବସ କେବେ ପାଳନ କରାଯାଏ ?
(୨) ରାଜା ପଞ୍ଚମ ଜର୍ଜ ଓ ରାଣୀ ମେରୀଙ୍କ ଭାରତ ଭ୍ରମଣର ସ୍ମୃତି ଉଦ୍ଦେଶ୍ୟରେ କେଉଁ ଐତିହାସିକ ସ୍ମାରକୀ ନିର୍ମାଣ କରାଯାଇଥିଲା ?
(୩) ପର୍ତ୍ତୁଗୀଜ୍ ବ୍ୟବସାୟୀମାନଙ୍କର ସର୍ବ ପ୍ରଥମେ ଭାରତକୁ କେବେ ଆଗମନ ହୋଇଥିଲା ?
(୪) ଭାରତର ଜାତୀୟ ଜଳଚର ଜୀବର ନାଁ କ'ଣ ?
(୫) ଭାରତର କେଉଁ ରାଜ୍ୟରେ ସାକ୍ଷରତା ହାର ସର୍ବାଧିକ ?
(୬) ଭାରତର ସର୍ବ ପ୍ରଥମେ ୧୯୭୪ ମସିହା ମେ ୧୮ ତାରିଖରେ ରାଜସ୍ଥାନର ପୋଖରାନ ଠାରେ ନ୍ୟୁକ୍ଲିଅର ଟେଷ୍ଟ କରିଥିଲା । ଏହି ପରୀକ୍ଷାର କୋଡ ନାଁ କ'ଣ ରହିଥିଲା ?
(୭) ଭାରତର କେଉଁ ରାଜ୍ୟକୁ ମସଲା ବଗିଚା କୁହାଯାଏ ?
(୮) କେଉଁ ରାଜ୍ୟରେ ସବୁଠୁ ଅଧିକ ସୋୟାବିନ୍ ଉତ୍ପାଦନ ହୋଇଥାଏ ?
(୯) ଅଲିମ୍ପିକ୍‌ରେ ଭାରତ ସର୍ବ ପ୍ରଥମେ କେବେ ସ୍ୱର୍ଣ୍ଣପଦକ ହାସଲ କରିଥିଲା ?
(୧୦) ଭାରତର ପ୍ରଥମ କୃତ୍ରିମ ଉପଗ୍ରହର ନାଁ କ'ଣ ?

### JUMBLE WORDS

| | | | |
|---|---|---|---|
| 1) ETTINN | = | 6) LAWOL | = |
| 2) TGREFO | = | 7) LISAA | = |
| 3) TAYRP | = | 8) NURTE | = |
| 4) UKAQE | = | 9) NACITT | = |
| 5) LOBUED | = | 10) OTTUMS | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.୭,୨. ଇଟାନଗର, ୩.ତେଲୁଗୁ ଏବଂ ଉର୍ଦ୍ଦୁ, ୪. କର୍ଣ୍ଣାଟକ, ୫.ନୂଆଦିଲ୍ଲୀ, ୬. ମୁମ୍ବାଇ, ୭.ଜନ ଗଣ ମନ..., ୮.ଏଡୱିନ୍ ଲାଣ୍ଡସିର ଲୁଟିୟନ୍, ୯.ସେପ୍ଟେମ୍ବର ୧୪ ତାରିଖ, ୧୦.ବନ୍ଦେ ମାତରମ୍ ।

***Jumble Words* ର ଉତ୍ତର :-**

(1) MUMBLE (2) BUMMER (3) WOUND (4) FELLOW (5) WEIGH
(6) DUNCE (7) ENROLL (8) BOUNCE (9) SKIMP (10) LEAVE

# ଖୋଲାରେ ହେଉଛି କୋଇଲା ଓ ପାଉଁଶ ପରିବହନ

ଝାରସୁଗୁଡ଼ା: ଝାରସୁଗୁଡ଼ାରେ ଲୋକଙ୍କ ଜୀବନ ସହିତ ଚାଲିଛି ସାଂଘାତିକ ଖେଳ । ଖଣିଜ, ପାଉଁଶ ଭଳି ସାମଗ୍ରୀ ପରିବହନ କ୍ଷେତ୍ରରେ ଥିବା ନିୟମ କାନୁନ୍‌କୁ ଜଳାଞ୍ଜଳି ଦେଇ ବ୍ୟବସାୟୀମାନେ ମୋଟା ମୁନାଫା ରୋଜଗାର କରୁଥିବା ବେଳେ ରାସ୍ତା ଦେଇ ଯାଉଥିବା ସାଧାରଣ ଲୋକଙ୍କ ଜୀବନ ବିପଦରେ ପଡୁଛି । ଖୋଲାରେ ପରିବହନ ଯୋଗୁଁ କେତେବେଳେ କୋଇଲାର ଛୋଟ ଖଣ୍ଡ ଛିଟିକି ପଡ଼ି ପଛରେ ଆସୁଥିବା ବାଇକ୍ ଚାଳକ ଆହତ ହେଉଛନ୍ତି ତ ଆଉ କେତେବେଳେ କାର୍‌ର ସମ୍ମୁଖ କାଚ ଭାଙ୍ଗି ଯାଉଛି । ପାଉଁଶ ଗାଡ଼ି ପଛରେ ଯାଉଥିବା ଲୋକେ ବିଷାକ୍ତ ବିକିରଣକାରୀ ପାଉଁଶରେ ଗାଧୋଇପଡୁଛନ୍ତି । କିନ୍ତୁ ଜିଲ୍ଲା ପ୍ରଶାସନ କି ପରିବହନ ବିଭାଗର ନଜରକୁ ଏ ଦୃଶ୍ୟ ଦେଖାଯାଉ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉବାରେ ଲାଗିଛି ।

ଝାରସୁଗୁଡ଼ା ଜିଲ୍ଲା ଦେଇ ଯାଇଥିବା ବିଜୁ ଏକ୍ସପ୍ରେସ୍ ଓ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ କୋଇଲା ଖଣି ଓ ଶିଳ୍ପାନୁଷ୍ଠାନଗୁଡ଼ିକ ରହିଛି । ଏହି ଶିଳ୍ପାନୁଷ୍ଠାନଗୁଡ଼ିକର ତାପଜ ବିଦ୍ୟୁତ୍ କେନ୍ଦ୍ର ପାଇଁ କୋଇଲା ଖଣିରୁ ପ୍ରତିଦିନ କୋଇଲା ପରିବହନ ହେଉଛି । ପରେ ଶିଳ୍ପାନୁଷ୍ଠାନରେ କୋଇଲା ଦହନ ପରେ ନିର୍ଗତ ବିଷାକ୍ତ ପାଉଁଶକୁ ପୁଣି ଥରେ ଏହି ରାସ୍ତା ଦେଇ ନିଆଯାଇ ବିଭିନ୍ନ ସ୍ଥାନରେ ଡମ୍ପ କରାଯାଉଛି । କିନ୍ତୁ ଖଣିଜ ପଦାର୍ଥ ଯଥା କୋଇଲା, ବାଲି, ଚିପ୍ସ ପରିବହନ ପାଇଁ ସ୍ୱତନ୍ତ୍ର ନିୟମାବଳୀ ରହିଛି । ଏ ସବୁ ସାମଗ୍ରୀ ପରିବହନ ହେଉଥିବା ଗାଡ଼ିର କ୍ଷମତାଠାରୁ ଅଧିକ ପରିବହନ ହୋଇପାରିବନି, ପ୍ରତି ଗାଡ଼ିରେ ତାରପୋଲିନ୍ ଭଲ ଭାବରେ ବନ୍ଧାଯିବା ଆଦି ନିୟମ ରହିଛି । ସେହିପରି ପାଉଁଶକୁ କେବଳ ବଲକର ବା ନିବୁଜ କଣ୍ଟେନରରେ ପରିବହନ କରାଯିବା କଥା । ପ୍ରତି ଟ୍ରିପ୍ ପାଉଁଶ ପରିବହନ ସମୟରେ ଗାଡ଼ିର ଚକକୁ ଭଲରେ ଧୋଇବାର ବି ନିୟମ ରହିଛି । କିନ୍ତୁ ଉଭୟ କ୍ଷେତ୍ରରେ ଝାରସୁଗୁଡ଼ାରେ କୌଣସି ନିୟମର ଅନୁପାଳନ ହେଉନି । କୋଇଲାକୁ ଖୋଲା ଟ୍ରକ୍‌ରେ ପରିବହନ କରାଯାଉଛି ନଚେତ୍ ଧର୍ମକୁ ଆଖିଠାର ସଦୃଶ ୨୦ ପ୍ରତିଶତ ଘୋଡ଼ାଇ ହେବା ଭଳି ଛିଣ୍ଡା ତାରପୋଲିନ୍ ଖଣ୍ଡେ ବାନ୍ଧି ଛାଡ଼ି ଦିଆଯାଉଛି । ଫଳରେ ରାସ୍ତା ଉପରେ ଏହି କୋଇଲା ବୋଝେଇ ଟ୍ରକରୁ ଗୁଣ୍ଡ ଉଡୁଥିବା ବେଳେ ଛୋଟ ଛୋଟ ଖଣ୍ଡ ଛିଟିକି ଲୋକଙ୍କ ଶରୀରରେ ବାଜୁଛି । ପାଉଁଶକୁ ବଲକର ପରିବର୍ତ୍ତେ ଖୋଲା ହାଇରେ ପରିବହନ କରାଯାଉଛି । ତାହା ପୁଣି କ୍ଷମତାଠାରୁ ପ୍ରାୟ ଦେଢ଼ଗୁଣ ଏ କ୍ଷେତ୍ରରେ ବି ମନଇଚ୍ଛା ତାରପୋଲିନ୍‌ର ବ୍ୟବହାର କରାଯାଉଥିବା ବେଳେ ଗାଡ଼ିର ଚକ ଧୁଆଯାଉ ନାହିଁ । ଫଳସ୍ୱରୂପ ଶିଳ୍ପାନୁଷ୍ଠାନରୁ ବାହାରି ଡମ୍ପିଂ ସ୍ଥାନ ଯାଏ ପହଞ୍ଚିବା ବେଳକୁ ଅତିରିକ୍ତ ବୋଝେଇ ହୋଇଥିବା ପାଉଁଶ ଖାଲି ହୋଇ ଯାଉଛି । କେଉଁଠି ରାସ୍ତାସାରା ଏହି ପାଉଁଶ ବିଛି ହୋଇ ପଡୁଛି ତ ଆଉ କେଉଁଠି ହାଇୱା ପଛରେ ଯାଉଥିବା ଯାତ୍ରୀଙ୍କ ଶରୀରରେ ଆଚ୍ଛାଦିତ ହେଉଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଖୋଦ୍ ପରିବହନ ବିଭାଗ କାର୍ଯ୍ୟାଳୟ ସମ୍ମୁଖ ଦେଇ ଏହି ବେଆଇନ୍ ପରିବହନ ହେଉଥିଲେ ହେଁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ । ସେପଟେ ପରିବହନ ବିଭାଗ ଏହି ପାଉଁଶ ସୃଷ୍ଟିକାରୀ କମ୍ପାନିଙ୍କୁ କେବଳ ଚିଠି ଲେଖିବାରେ ନିଜ ଦାୟିତ୍ୱକୁ ସୀମିତ ରଖିଥିବା ଦେଖିବାକୁ ମିଳିଛି । ପରିବହନ ବିଭାଗର ନିୟମାନୁସାରେ କୋଇଲା ଓ ପାଉଁଶ ପରିବହନ କରିବା ପାଇଁ ଗତବର୍ଷ ଝାରସୁଗୁଡ଼ା ଆରଟିଓଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ କମ୍ପାନିଗୁଡ଼ିକୁ ଚିଠି ଯାଇଥିଲା ଓ କାହିଁକି ନିୟମର ଅନୁପାଳନ ହେଉନାହିଁ ବୋଲି ଉତ୍ତର ମଗାଯାଇଥିଲା । କିନ୍ତୁ ଅଦ୍ୟାବଧି କମ୍ପାନିଗୁଡ଼ିକ ପରିବହନ ବିଭାଗକୁ କୌଣସି ଉତ୍ତର ଦେଇ ନଥିବା ଜଣାପଡ଼ିଛି ।

ସେହିପରି ଜିଲ୍ଲାର ବିଭିନ୍ନ ସ୍ଥାନରେ ରାସ୍ତାକଡ଼ ମାନଙ୍କରେ କୋଇଲା ବୋଝେଇ ଟ୍ରକ୍ କିଲୋମିଟର ଧରି ଲାଇନରେ ଛିଡ଼ା ହୋଇ ରହୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି । ଏଥିପାଇଁ ଦୁର୍ଘଟଣାମାନ ଘଟି ନିରୀହ ଲୋକଙ୍କ ଜୀବନ ଯାଉଛି ।

## ତଦନ୍ତ ନିର୍ଦ୍ଦେଶ ଦେଲେ ଗ୍ରିନ୍ ଟ୍ରିବ୍ୟୁନାଲ୍

ଝାରସୁଗୁଡ଼ା : ଗତ ଡିସେମ୍ବର ମାସରେ ଓପିଜିସିର ପାଉଁଶ ପୋଖରୀ ଭୁଶୁଡ଼ିବା ଘଟଣାକୁ ନେଇ ଜାତୀୟ ଗ୍ରିନ୍ ଟ୍ରିବ୍ୟୁନାଲ୍‌ରେ ଏକ ମାମଲା ରୁଜୁ ହୋଇଛି । ଜଷ୍ଟିସ୍ ବି. ଅମିତ ପ୍ରେଲକରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ମାମଲାର ତଦନ୍ତ ପାଇଁ ୩ ଜଣିଆ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି କମିଟିରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ବରିଷ୍ଠ ବୈଜ୍ଞାନିକ, ଜଙ୍ଗଲ ଓ ପରିବେଶ ପରିବର୍ତ୍ତନ ବିଭାଗର ବରିଷ୍ଠ ବୈଜ୍ଞାନିକ, ଝାରସୁଗୁଡ଼ା ଜିଲ୍ଲାପାଳ କିମ୍ବା ତାଙ୍କର ପ୍ରତିନିଧି (ଅନ୍ୟୁନ ଏଡିଏମ୍ ରାଙ୍କ୍)ର ଜଣେ ଅଧିକାରୀ ରହିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି । ଆସନ୍ତା ଜୁଲାଇ ୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ।

ଲଖନପୁର ବ୍ଲକ ଜୟବୁଡ଼ିଆ ଗ୍ରାମର ଗୋପୀନାଥ ମାଝୀ ଏହି ପାଉଁଶ ପୋଖରୀ ଭୁଶୁଡ଼ିବା ଘଟଣା ସମ୍ପର୍କରେ ତଦନ୍ତ ପାଇଁ ଏନଜିଟିଙ୍କ ଦ୍ୱାରସ୍ଥ ହୋଇଥିଲେ । ଏନଜିଟି ଏହି ମାମଲାର ଶୁଣାଣି କରିବା ସହିତ ଉଭୟ ସରକାରୀ ଓ ଘରୋଇ ଜମିରେ ପଶିଥିବା ପାଉଁଶ କାଢ଼ିବା ପାଇଁ ତଥା ହୀରାକୁଦ ଜଳଭଣ୍ଡାରର ପଛୁଆ ପାଣିରେ ପଶିଥିବା ପାଉଁଶ କାଢ଼ିବା ସହିତ ପୂର୍ବଭଳି ସ୍ଥିତିକୁ ଫେରାଇ ଆଣିବାକୁ ଟ୍ରିବ୍ୟୁନାଲଙ୍କ ନିକଟରେ ଦାବି କରିଥିଲେ । ସେପଟେ, ଏବେ ଓପିଜିସି ନୂଆ ପାଉଁଶ ପୋଖରୀ ପାଇଁ ଯେଉଁ ଜମି ଅଧିଗ୍ରହଣ କରିବାକୁ ଯାଉଛି ତାହା ଜଳଭଣ୍ଡାରରୁ ୫୦୦ ମିଟର ଦୂରରେ ରହିଛି ନା ନାହିଁ ତାହା ଉପରେ ନଜର ଦିଆଯାଉ ବୋଲି ସେ ଦାବି କରିଥିଲେ ।

## ବୁଥ୍ ସମ୍ମୁଖରେ ଅଟୋଚାଳକଙ୍କୁ ହତ୍ୟା

ବରଗଡ଼ : ବରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସରସରା ଗ୍ରାମ ମତଦାନ କେନ୍ଦ୍ର ସମ୍ମୁଖରେ ଜଣେ ଅଟୋ ଚାଳକଙ୍କୁ ଦୁର୍ବୃତ୍ତ ମାନେ ଭୁଜାଲିରେ ଭୁସି ହତ୍ୟା କରିଛନ୍ତି । ନିର୍ବାଚନ ମଣ୍ଡଳୀର ୧୨୮ ନମ୍ବର ମତଦାନ କେନ୍ଦ୍ରରେ ଭୋଟ ଗ୍ରହଣ ଚାଲିଥିବାବେଳେ ପୁଲିସ ଉପସ୍ଥିତିରେ ହତ୍ୟାକାଣ୍ଡ ଘଟିଥିଲା । ମତଦାତାଙ୍କୁ ଅଟୋରେ ବସାଇ ମତଦାନ କେନ୍ଦ୍ରକୁ ଆଣୁଥିବା ଚାଳକଙ୍କୁ ଦୁର୍ବୃତ୍ତମାନେ ହତ୍ୟା କରିଥିଲେ । ମୃତ ଅଟୋ ଚାଳକଙ୍କ ନାମ ବିଶ୍ୱନାଥ ମିର୍ଦ୍ଧା (୪୦) । ପୁଲିସ ଉପସ୍ଥିତିରେ ହତ୍ୟାକାଣ୍ଡ ଘଟିଥିବାରୁ ସରସରା ଗ୍ରାମରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ତ୍ୟକ୍ତ ଲୋକେ ପୁଲିସକୁ ଧସ୍ତାଧସ୍ତି କରିଥିଲେ । ପୁଲିସ ଉତ୍ତ୍ୟକ୍ତ ଲୋକଙ୍କୁ ମତଦାନ କେନ୍ଦ୍ର ସମ୍ମୁଖରୁ ଗୋଡ଼ାଇ ଗୋଡ଼ାଇ ଗାଁ ବାହାରକୁ ନେଇ ଯାଇଥିଲା । ଗଣ୍ଡଗୋଳ ବଢ଼ି ଚାଲିଥିବାରୁ ମତଦାନ ବାଧାପ୍ରାପ୍ତ ଆଶଙ୍କା ପ୍ରକାଶ ପାଇଥିଲା । ଉତ୍ତରାଞ୍ଚଳ ପୁଲିସ ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା ପୁଲିସ ବାହିନୀ ସହିତ ଘଟଣା ସ୍ଥଳରେ ଜଗି ରହିଥିଲେ । ତେବେ ଏହି ହତ୍ୟାକାଣ୍ଡ ନିର୍ବାଚନ ସହ ଜଡ଼ିତ ନୁହେଁ, ବ୍ୟକ୍ତିଗତ ଶତ୍ରୁତାରୁ ଘଟିଛି ବୋଲି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସ୍ପଷ୍ଟ କରିଛନ୍ତି । ପୁଲିସର ପ୍ରାଥମିକ ତଦନ୍ତ ଅନୁସାରେ ଏହି ଗ୍ରାମର ଉଭୟ ନିବାସୀ ଅଭିଯୁକ୍ତ ଅଶୋକ ମହାନନ୍ଦ ଓ ଅଟୋ ଚାଳକ ବିଶ୍ୱନାଥ ମିର୍ଦ୍ଧାଙ୍କ ମଧ୍ୟରେ ପୂର୍ବରୁ ବ୍ୟକ୍ତିଗତ ଶତ୍ରୁତା ଥିଲା । ସୋମବାର ଦିନ ବିଶ୍ୱନାଥ ନିଜ ଅଟୋରିକ୍ସାରେ ଭୋଟରମାନଙ୍କୁ ଭୋଟ ଗ୍ରହଣ କେନ୍ଦ୍ରକୁ ଆଣୁଥିବା ବେଳେ ଅଶୋକ ସହିତ ସାମାନ୍ୟ ଧକ୍କା ହୋଇ ଯାଇଥିଲା । ଏଥିରେ ଅଶୋକ ଉତ୍ତକ୍ଷିପ୍ତ ହୋଇ ବିଶ୍ୱନାଥକୁ ଭୁଜାଲିରେ ଆକ୍ରମଣ କରିଥିଲା । ଭୁଜାଲି ମାଡ଼ରେ ଘଟଣା ସ୍ଥଳରେ ହିଁ ବିଶ୍ୱନାଥର ମୃତ୍ୟୁ ହୋଇ ଯାଇଥିଲା । ହତ୍ୟାକାଣ୍ଡ ପରେ ମତଦାନ କେନ୍ଦ୍ର ସମ୍ମୁଖରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ମତଦାନ କେନ୍ଦ୍ର ସମ୍ମୁଖରେ ପ୍ରବଳ ପାଟିତୁଣ୍ଡ ଦୌଡ଼ାଦୌଡ଼ି, ଧସ୍ତାଧସ୍ତି ଯୋଗୁଁ ପରିସ୍ଥିତି କ୍ରମେ ଭୋଟ ଗ୍ରହଣ ବନ୍ଦ ହୋଇଯିବା ଆଶଙ୍କା ପ୍ରକାଶ ପାଇଥିଲା । ଫଳରେ ଆଇଜି ଓ ଏସପି ପୁଲିସ ବାହିନୀ ଧରି ସେଠାରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ । ପୁଲିସ ଉପସ୍ଥିତିରେ ବିଶ୍ୱନାଥଙ୍କୁ ହତ୍ୟା କରାଯାଇ ଥିବାରୁ ତାଙ୍କ ପରିବାର ଲୋକେ ତୀବ୍ର ପ୍ରତିବାଦ କରିଥିଲେ । ସେମାନେ ମନୋଜ ଓ ଅଶୋକ ନାମକ ଦୁଇ ଜଣ ବ୍ୟକ୍ତି ବିଶ୍ୱନାଥଙ୍କ ହତ୍ୟାକାଣ୍ଡରେ ସମ୍ପୃକ୍ତି ଥିବା ନେଇ ଅଭିଯୋଗ କରିଛନ୍ତି । ବିଶ୍ୱନାଥଙ୍କୁ ଦୁଇ ଜଣ ବ୍ୟକ୍ତି ଭିଡ଼ିଧରିଥିବା ବେଳେ ଅନ୍ୟ ଜଣେ ଭୁଜାଲି ଭୁସିଥିଲା ବୋଲି ତାଙ୍କ ଝିଆରୀ ଅଭିଯୋଗ କରିଛନ୍ତି । ମୃତବ୍ୟକ୍ତିଙ୍କ ଶବକୁ ବରଗଡ଼ ସିଟି ହସପିଟାଲକୁ ନିଆଯାଇ ବ୍ୟବଚ୍ଛେଦ କରାଯାଇଛି । ହତ୍ୟାକାଣ୍ଡ ପରେ ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି । ବରଗଡ଼ ଏସପି ଶ୍ରୀ ମିନା କହିଛନ୍ତି ଯେ କିଛି ବ୍ୟକ୍ତି ନିଶାଗ୍ରସ୍ତ ଅବସ୍ଥାରେ ଏହି ହତ୍ୟାକାଣ୍ଡ ଘଟାଇଛନ୍ତି । ପୁଲିସ୍ ଏହି ଘଟଣାରେ ସମ୍ପୃକ୍ତ ଜଣେ ଅଭିଯୁକ୍ତଙ୍କୁ ଛତିଶଗଡ଼ରୁ ଗିରଫ କରିଛି । ଏହି ମାମଲାର ତଦନ୍ତ ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ଦାୟିତ୍ୱ ଦିଆଯାଇଥିଲା । ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ତଦନ୍ତ ଅନୁଯାୟୀ ଏହି ହତ୍ୟାକାଣ୍ଡରେ ଅଭିଯୁକ୍ତମାନେ ଘଟଣା ସମୟରେ ସେ ନିଶାସକ୍ତ ଅବସ୍ଥାରେ ରହିଥିବା ଜଣାପଡ଼ିଥିଲା । ଏଥି ପାଇଁ ବରଗଡ଼ ସଦର ଥାନାଧିକାରୀ ଓ ଅବକାରୀ ଷ୍ଟେସନ୍ ଅଧିକାରୀଙ୍କୁ ୨୪ ଘଣ୍ଟା ଭିତରେ ଜିଲ୍ଲା ବାହାରକୁ ବଦଳି କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ନିର୍ଦ୍ଦେଶ ଦେଇଛନ୍ତି । ଏ ନେଇ ପୁଲିସ ଡିଜି ଓ ଅବକାରୀ ଆୟୁକ୍ତଙ୍କୁ ଚିଠି ଲେଖି ଜଣାଇଛନ୍ତି ।

## ଆଇଆଇଟି ପିଲାଙ୍କୁ ବି ମିଳୁନି ଚାକିରି

ଭୁବନେଶ୍ୱର: ଦେଶରେ ବେକାରୀ ସଂଖ୍ୟା ହୁ ହୁ ବଢ଼ିବାରେ ଲାଗିଛି । ଦେଶର ସବୁଠାରୁ ଶ୍ରେଷ୍ଠ ତଥା ମର୍ଯ୍ୟାଦା ସମ୍ପର୍ଣ୍ଣ ଶିକ୍ଷାନୁଷ୍ଠାନରୁ ପାଠ୍ୟକ୍ରମ ଶେଷ କରିବା ପରେ ଯେ ସହଜରେ ଚାକିରି ମିଳିଯିବ ଏହାର କୌଣସି ଗ୍ୟାରେଣ୍ଟି ନାହିଁ । ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ଚଳିତବର୍ଷ ଦେଶର ମୋଟ ୩୮ ପ୍ରତିଶତ ଆଇଆଇଟି ଛାତ୍ରଛାତ୍ରୀ କ୍ୟାମ୍ପସ ପ୍ଲେସମେଣ୍ଟପାଇ ନାହାନ୍ତି ।୨୦୨୪ ମସିହାରେ ପ୍ରାୟ ୮ ହଜାର ଆଇଆଇଟି ଛାତ୍ରଛାତ୍ରୀଙ୍କୁ ଚାକିରି ମିଳିପାରି ନାହିଁ । ଆଇଆଇଟି ଅନୁଷ୍ଠାନଗୁଡ଼ିକର ପ୍ଲେସ୍‌ମେଣ୍ଟ ସମ୍ପର୍କିତ ଏହି ରିପୋର୍ଟ ଦେଶର ମେଧାବୀ ଛାତ୍ରଛାତ୍ରୀଙ୍କ ଚିନ୍ତା ବଢ଼ାଇ ଦେଇଛି ।

ଭାରତରେ ଆଇଆଇଟି ଶିକ୍ଷାନୁଷ୍ଠାନଗୁଡ଼ିକ ଇଞ୍ଜିନିୟରିଂ ପାଠ୍ୟକ୍ରମର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ । ଏଠାରେ ପାଠ ପଢ଼ିବାକୁ ଅନେକ ଛାତ୍ରଛାତ୍ରୀ ସ୍ୱପ୍ନ ଦେଖୁଥା'ନ୍ତି । ଆଇଆଇଟିରେ ସିଟ୍ ଖଣ୍ଡେ ମିଳିବା ମାତ୍ରେ ପରିବାର ଲୋକେ ପିଲାର ଭବିଷ୍ୟତ ସମ୍ପର୍କରେ ଆଉ ଚିନ୍ତା କରନ୍ତି ନାହିଁ । କାରଣ ଏଠାରୁ ବାହାରିବା ପୂର୍ବରୁ ଛାତ୍ରଛାତ୍ରୀଙ୍କ ହାତରେ ୨ରୁ ୩ଟି ଚାକିରି ରହିଥାଏ । ହେଲେ ଭାରତର ଏହି ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଏବେ ପ୍ଲେସମେଣ୍ଟ ସମସ୍ୟା ମଧ ଦେଇ ଗତି କରୁଛି । ଚଳିତବର୍ଷ କେତେଜଣ ଆଇଆଇଟିଆନଙ୍କୁ କ୍ୟାମ୍ପସ ପ୍ଲେସମେଣ୍ଟ ମିଳିଛି, ସେନେଇ କାନପୁର ଆଇଆଇଟିର ପୂରାତନ ଛାତ୍ର ଧୀରଜ ସିଂ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ ।

ରିପୋର୍ଟ ଅନୁସାରେ, ୨୦୨୪ ମସିହାରେ ୨୧୫୦୦ ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ପାଇଁ ନିଜ ନାମ ପଞ୍ଜିକରଣ କରିଥିଲେ । ହେଲେ ମାତ୍ର ୧୩୪୧୦ ପିଲାଙ୍କୁ ପ୍ଲେସମେଣ୍ଟ ମିଳିଛି । ଦେଶରେ ଥିବା ମୋଟ ୨୩ ଆଇଆଇଟିର ୩୮ ପ୍ରତିଶତ ପିଲା କ୍ୟାମ୍ପସ ପ୍ଲେସମେଣ୍ଟ ନ ପାଇ ଏବେ ଚାକିରି ଖୋଜୁଛନ୍ତି । ଦୁଇ ବର୍ଷ ମଧ୍ୟରେ ଏହା ଚାକିରି ନ ପାଇବା ପିଲାଙ୍କ ହାର ୧୯ ପ୍ରତିଶତ ଥିଲା ବେଳେ ଏବେ ୨ଗୁଣା ବୃଦ୍ଧି ପାଇଛି । ପୁରୁଣା ୯ଟି ଆଇଆଇଟିର ୧୬୪୦୦ ଛାତ୍ରଛାତ୍ରୀ ପ୍ଲେସମେଣ୍ଟ ପାଇଁ ନିଜ ନାମ ପଞ୍ଜିକରଣ କରିଥିଲେ । ଏଥିରୁ ୬୦୫୦ ଛାତ୍ରଛାତ୍ରୀ ଚାକିରି ପାଇ ନ ଥିଲେ, ଯାହା ମୋଟ ସଂଖ୍ୟାର ୩୭ ପ୍ରତିଶତ । ସେହିପରି ନୂତନ ୧୪ ଆଇଆଇଟିର ୪୦ ପ୍ରତିଶତ ପିଲା ଚାକିରି ପାଇ ନାହାନ୍ତି । ସେହିପରି ବିଗତ ୫ ବର୍ଷ ମଧ୍ୟରେ ଦିଲ୍ଲୀ ଆଇଆଇଟିର ୨୨ପ୍ରତିଶତ ଛାତ୍ରଛାତ୍ରୀ ଏପର୍ଯ୍ୟନ୍ତ ଚାକିରି ପାଇ ନାହାନ୍ତି । ଚଳିତ ବର୍ଷ ସର୍ବାଧିକ ୪୦ପ୍ରତିଶତ ଛାତ୍ରଛାତ୍ରୀ ଚାକିରି ପାଇ ନାହାନ୍ତି । ଧୀରଜ କହିଛନ୍ତି, ଗତବର୍ଷର ଆଇଆଇଟି ଖଡ଼ଗପୁରର ୩୩ ପ୍ରତିଶତ ପିଲା ଏପର୍ଯ୍ୟନ୍ତ ଚାକିରି ଖୋଜୁଛନ୍ତି । ଯାହାଦ୍ୱାରା ସେମାନେ ଚାପ, ଚିନ୍ତା ଏବଂ ନିରାଶା ଭଳି ସମସ୍ୟା ଦେଇ ଗତି କରୁଛନ୍ତି । ଆଇଆଇଟି ଛାତ୍ରଛାତ୍ରୀଙ୍କ ମଧ୍ୟରେ ବଢୁଥିବା ଆତ୍ମହତ୍ୟା ଘଟଣା ପଛରେ ଚାକିରି ନ ମିଳିବା ଏକ ପ୍ରମୁଖ କାରଣ ବୋଲି ଅନେକ ସମୟରେ ଦର୍ଶାଯାଉଛି । ଚଳିତବର୍ଷ ୬ଜଣ ଛାତ୍ରଛାତ୍ରୀ ଆତ୍ମହତ୍ୟା କରିଛନ୍ତି । ଆଇଆଇଟିରେ ଚାକିରି ନ ମିଳିବାରୁ ଛାତ୍ରଛାତ୍ରୀମାନେ ଭୟଙ୍କର ଚାପ ଏବଂ ଚିନ୍ତାରେ ରହୁଛନ୍ତି ।

**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆରବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ସମ୍ବଲପୁରୀ କଳାକୁ ବିଶ୍ୱସ୍ତରରେ ପ୍ରୋତ୍ସାହିତ କରିବା ପାଇଁ ଆଇଆଇଏମ୍ ପ୍ରତିଶ୍ରୁତି ବଦ୍ଧ: ମହାଦେବ ଜୟସ୍ୱାଲ





ସମ୍ବଲପୁର : ଆଇଆଇଏମ୍ ସମ୍ବଲପୁର କଳା ଓ ସଂସ୍କୃତିକୁ ଶିକ୍ଷାଗତ ଢ଼ାଞ୍ଚାରେ ସାମିଲ କରିବାକୁ ପ୍ରତିଶ୍ରୁତିବଦ୍ଧ । ବିଶ୍ୱପ୍ରସିଦ୍ଧ ସମ୍ବଲପୁରୀ କଳାର ପ୍ରଚାର ପ୍ରସାର ପାଇଁ ସମର୍ପିତ ରଙ୍ଗବତୀ କେନ୍ଦ୍ର ଏହି ପ୍ରତିବଦ୍ଧତାର ପ୍ରମାଣ ବୋଲି ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ କହିଛନ୍ତି ।

'ସ୍ୱାଧୀନତା ସଂଗ୍ରାମର ଅଜଣା (ଅଜ୍ଞାତ): ଓଡ଼ିଶାର ପଶ୍ଚିମ ଭାଗରେ ସାଂସ୍କୃତିକ ଐତିହ୍ୟ ଏବଂ ସ୍ଥାୟୀ ପରିଚାଳନା' ଶୀର୍ଷକ ଦିନିକିଆ ଜାତୀୟ ଆଲୋଚନାଚକ୍ରର ଉଦ୍‌ଘାଟନୀ ଅଧିବେଶନରେ ଯୋଗ ଦେଇ ସେ କହିଛନ୍ତି ଯେ, ଆଇସିଏସଏସଆର ଦ୍ୱାରା ସମର୍ଥିତ ଏହି କେନ୍ଦ୍ରର ଲକ୍ଷ୍ୟ ହେଉଛି କିପରି କଳା ଏବଂ ସଂସ୍କୃତି ବିଶ୍ୱସ୍ତରରେ ସ୍ଥାୟୀ ବ୍ୟବସାୟ ଅଭ୍ୟାସକୁ ଚଳାଇପାରିବ । କେବଳ କର୍ପୋରେଟ୍ ବ୍ରାଣ୍ଡ୍ ଉପରେ ଧ୍ୟାନ ଦେଉଥିବା ଅନେକ ବିଜନେସ୍ ସ୍କୁଲ୍ ପରି ଆମେ ସ୍ଥାନୀୟ ଐତିହ୍ୟକୁ ଏକ ବିଶ୍ୱସ୍ତରୀୟ ସ୍ତରରେ ପହଂଚାଇବାକୁ ଚେଷ୍ଟା କରୁଛୁ । ମ୍ୟାନେଜମେଂଟ୍ ଶିକ୍ଷା ପ୍ରତି ଆମର ଆଭିମୁଖ୍ୟ ସାମାଜିକ ମୂଲ୍ୟବୋଧକୁ ବ୍ୟବସାୟିକ ଦକ୍ଷତା ସହିତ ସମନ୍ୱିତ କରିଛି । ଆମେ ଏକ ସମାବେଶୀ, ସମ୍ମାନଜନକ ଏବଂ ଶୃଙ୍ଖଳାମୁକ୍ତ ପରିବେଶ ସୃଷ୍ଟି କରିବାରେ ବିଶ୍ୱାସ କରୁ ଯେଉଁଠାରେ ପ୍ରତ୍ୟେକ ବ୍ୟକ୍ତି ମୂଲ୍ୟବାନ




ଅନୁଭବ କରନ୍ତି । ଏହି ସଂସ୍କୃତି କେବଳ ଆକାଂକ୍ଷୀ ନୁହେଁ ବରଂ ଆଇଆଇଏମ୍ ସମ୍ବଲପୁରରେ ପ୍ରତ୍ୟେକ ଦିନ ପାଳନ କରାଯାଏ । ବର୍ତ୍ତମାନ ରଙ୍ଗବତୀ କେନ୍ଦ୍ର କେବଳ ସମ୍ବଲପୁରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପାଳନ କରୁନାହିଁ, ବରଂ ଏକ ସ୍ଥାୟୀ, ଅଭିନବ ଏବଂ ଅନ୍ତର୍ଭୁକ୍ତିକରଣ ବ୍ୟବସାୟ ମଡେଲ୍ ସୃଷ୍ଟି କରିବାର ଯାତ୍ରା ଆରମ୍ଭ କରିଛି ବୋଲି ସେ କହିଥିଲେ ।

ଉଦଘାଟନୀ ଅଧିବେଶନରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଓ ଭୁବନେଶ୍ୱରସ୍ଥିତ ଓଡ଼ିଶା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଡକ୍ଟର ସୁଜିତ କୁମାର ପୃଷେଠ୍ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ପ୍ରଫେସର ହେମଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରଫେସର ବ୍ୟୋମକେଶ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ପଶ୍ଚିମ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର ଅଜ୍ଞାତ ଦିଗ' ଶୀର୍ଷକ ୩ଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏଥିରେ ବରଗଡ଼ର ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂ ଅଂଶ ଗ୍ରହଣ କରିଥିଲେ । 'ବୀର ସୁରେନ୍ଦ୍ର ସାଏ: ଯୁଦ୍ଧ ନୀତି ଓ ରଣନୀତି' ଶୀର୍ଷକ ଏହି ଅଧିବେଶନରେ ଦୀପକ କୁମାର ପଣ୍ଡା ଉଦ୍‌ବୋଧନ ଦେଇଥିବା ବେଳେ ବିଭୁଦତ୍ତ ପ୍ରମୋଦ କୁମାର ମିଶ୍ର' କୁଦୋପାଲି ଗଣହତ୍ୟା ଓ ୫୭ ସହିଦ' ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ଡାକ୍ତର ତପନ କୁମାର ବାରିକ ସ୍ୱାଧୀନତା ସଂଗ୍ରାମୀ ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ରଙ୍କ ଉପରେ ଆଲୋକପାତ କରିଥିଲେ । ଦ୍ୱିତୀୟ ଅଧିବେଶନରେ 'ଫଂଚପଡ଼ା ଗ୍ରାମରେ ମନ୍ଦିର ପ୍ରବେଶ, ସାଂସ୍କୃତିକ ଐତିହ୍ୟ ଓ ସ୍ଥାୟୀ ପରିଚାଳନା' ଶୀର୍ଷକ କାର୍ଯ୍ୟକ୍ରମରେ ଡକ୍ଟର ଶ୍ୟାମ ସୁନ୍ଦର ଧର ଅଧ୍ୟକ୍ଷତା କରିଥିଲେ । ଏହି ଅଧିବେଶନରେ ଡକ୍ଟର ସତ୍ୟ ନାରାୟଣ ଠାକୁର' ପଶ୍ଚିମ ଓଡ଼ିଶାରେ ସଂକୀର୍ତ୍ତନ: ଐତିହାସିକ ଓ ସାଂସ୍କୃତିକ ସମ୍ଭାବନା' ଉପରେ ନିଜର ମତ ରଖିଥିବା ବେଳେ ଡକ୍ଟର ଗୌରୀଦାସ ପଧାନ 'ପଶ୍ଚିମ ଓଡ଼ିଶାର ସାଂସ୍କୃତିକ ଐତିହ୍ୟ' ଉପରେ ଆଲୋକପାତ କରିଥିଲେ । ଏହାପରେ ଡକ୍ଟର ସର୍ବେଶ୍ୱର ପଧାନ ପଶ୍ଚିମ ଓଡ଼ିଶାର କୃଷି ଓ ସାଂସ୍କୃତିକ ଐତିହ୍ୟ ଉପରେ ନିଜର ମତ ରଖୁଥିଲେ । 'ସାଂସ୍କୃତିକ ପରମ୍ପରା ଓ ନିରନ୍ତର ପରିଚାଳନା ଚେୟାର ଅଧିବେଶନ' ଶୀର୍ଷକରେ ଚୂଡ଼ାନ୍ତ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଡକ୍ଟର ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଅଧିବେଶନରେ ଡକ୍ଟର ସୁଶୀଲ କୁମାର ବାଗ 'ନୂଆଖାଇ' , ଡକ୍ଟର ଶ୍ୟାମ ଭୋଇ 'ଧନୁଯାତ୍ରା' ଓ ଶ୍ରୀ ଲକ୍ଷ୍ମୀ ନାରାୟଣ ହୋତା 'ଶୀତଳଷଷ୍ଠୀ' ଉପରେ ବିଚାର ବିମର୍ଶ କରିଥିଲେ । ଅନନ୍ୟା ପ୍ରତାପୀ ହୋତା, ଡକ୍ଟର ତପନ କୁମାର ସାହୁ ଓ ସୌମ୍ୟ ଶାଶ୍ୱତୀ ମହାପାତ୍ର ପ୍ରମୁଖ ବିଭିନ୍ନ ଅଧିବେଶନର ସଂଯୋଜନା କରିଥିଲେ ।

# 'ଅଧ୍ୟାତ୍ମ ଓ ଧର୍ମ' ସମାନ ନୁହେଁ: ସ୍ୱାମୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀ







ସମ୍ବଲପୁର : ଲୋକମାନେ ସାଧାରଣତଃ 'ଅଧ୍ୟାତ୍ମ ଓ ଧର୍ମ'କୁ ସମାନ ବୋଲି ଧରି ନିଅନ୍ତି । କିନ୍ତୁ ଉଭୟ ସମାନ ନୁହନ୍ତି । ମୁଁ କିଏ, ମୋର କ'ଣ ପ୍ରୟୋଜନ ଅଛି, ମୋର କର୍ମ କ'ଣ ତାହା ଜାଣିବା ହେଲା 'ଅଧ୍ୟାତ୍ମ' ବୋଲି ବିଶ୍ୱାତ୍ମ ଚେତନା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀ କହିଛନ୍ତି ।

ସ୍ଥାନୀୟ ଝାଡୁଆପଡା ସ୍ଥିତ ସମନ୍ୱୟ କୁଟୀରରେ ପରିଷଦର ସମ୍ବଲପୁର ଶାଖାର ୩୨ତମ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ଉତ୍ସବରେ ଶ୍ରୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଯୋଗ ଦେଇ 'ସାମ୍ପ୍ରତିକ ସମାଜରେ ଆଧ୍ୟାତ୍ମିକତାର ଆବଶ୍ୟକତା' ଉପରେ ଏକ ସାରଗର୍ଭକ ଭାଷଣ ଦେଇ କହିଥିଲେ ଯେ, ଆତ୍ମା, ପରମାତ୍ମା, ମାୟା ଓ ବ୍ରହ୍ମ ସମ୍ବନ୍ଧରେ ଜାଣିବା ହିଁ ହେଉଛି 'ଅଧ୍ୟାତ୍ମ' । ସମସ୍ତଙ୍କ ଭିତରେ ନିଜକୁ ଓ ପରମାତ୍ମାଙ୍କୁ ଦର୍ଶନ କରିବା ଅର୍ଥ ବିଶ୍ୱାତ୍ମ ଚେତନା ଓ ବସୁଧୈବ କୁଟୁମ୍ବକମ୍ ଚେତନାରେ ଉଦ୍‌ବୁଦ୍ଧ ହେବା ହିଁ ହେଉଛି ଅଧ୍ୟାତ୍ମ । ଆଜିର ସମୟରେ ସମସ୍ତଙ୍କ ପ୍ରତି ଆତ୍ମବତ୍ ଦୃଷ୍ଟି, ସତସଂଗ ଏବଂ ଆସୁରି ପ୍ରବୃତ୍ତିର ଦମନ ହେଲେ ବ୍ୟକ୍ତି, ସମାଜ, ରାଷ୍ଟ୍ର ତଥା ବିଶ୍ୱରେ 'ଅଧ୍ୟାତ୍ମ'ର ପରିବେଶ ପଲ୍ଲବିତ ହେବ । ବର୍ତ୍ତମାନ ସମୟରେ ତାହାର ସବୁଠାରୁ ଅଧିକ ଆବଶ୍ୟକତା ରହିଛି ବୋଲି ସ୍ୱାମୀଜୀ କହିଥିଲେ ।

ସମ୍ବିତ କୁମାରଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବରେ ଶ୍ରୀ ବିମଳ ପାଣ୍ଡିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରିଷଦର ସମ୍ବଲପୁର ଶାଖା ସଭାପତି ପରମେଶ୍ୱର ଦାଶ ଓ ଛତିଶଗଡ଼ର ରାୟଗଡ ଶାଖା ସଭାପତି ସୁରେଶ ଶର୍ମା ସ୍ୱାମୀଜୀଙ୍କୁ ମାଲ୍ୟାର୍ପଣ କରିଥିଲେ । ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ ପ୍ରମୁଖ ଏଥିରେ ଉଦ୍‌ବୋଧନ ଦେଇଥିଲେ । ଉତ୍ସବରେ ଅନ୍ୟାନ୍ୟ ମାନଙ୍କ ମଧ୍ୟରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀ, ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର ସେବକ ତ୍ରିପାଠୀ, ପ୍ରଫେସର ମୀନକେତନ ପାଠୀ, ପ୍ରଫେସର କାମଦେବ ସାହୁ, ଡାକ୍ତର ସୁରେନ୍ଦ୍ର ପଣ୍ଡା ପ୍ରାଧାପିକା ଶ୍ରୀ ଲତା ମିଶ୍ର, ଉଦ୍ଧବ ମହାପାତ୍ର, ମଧୁସୁଦନ ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ପୂର୍ବରୁ ସକାଳେ ଆଶ୍ରମ ପରିସରରେ ରୁଦ୍ରାଭିଷେକ କରାଯାଇଥିଲା । ଏଥିରେ ମନ୍ମଥ କୁମାର ମହାନ୍ତି ଏବଂ ତାଙ୍କ ଧର୍ମପତ୍ନୀ ସ୍ମିତା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ଦୀପକ ଦାସ ଓ ତାଙ୍କ ସହଯୋଗୀ କାହ୍ନୁ ପାଣିଗ୍ରାହୀ ପୂଜାର୍ଚ୍ଚନା କରିଥିଲେ ।

# ବରଗଡ଼ ଲୋକସଭା ଆସନର ଭୋଟରଙ୍କ ନଜର ଜୁନ୍ ୪ରେ

ବରଗଡ଼: ବରଗଡ଼ ଲୋକସଭା ଆସନ ଏବଂ ଏହାର ଅନ୍ତର୍ଗତ ୭ଟି ବିଧାନସଭା ଆସନ ପାଇଁ ଗତ ୨୦ ତାରିଖ ଦିନ ନିର୍ବାଚନ ହୋଇ ଯାଇଛି । କାଁ ଭାଁ ନିର୍ବାଚନୀ ଗଣ୍ଡଗୋଳକୁ ଛାଡିଦେଲେ ଭୋଟ୍ ଗ୍ରହଣ ମୋଟାମୋଟି ଶାନ୍ତିପୂର୍ଣ୍ଣ ହୋଇଥିଲା । ଏହି ନିର୍ବାଚନ ମଣ୍ଡଳୀରେ ମୋଟ୍ ୭୯.୭୮% ମତଦାନ ହୋଇଥିଲା ।

















Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra